## ସଂକ୍ଷେପରେ

### ରାତି ୪ଟାରେ ଉଠିବ ମହାଦୀପ

**ରୂପ୍‌ସା, ୧୯।୨(ଡି.ଏନ.ଏ.):** ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ପ୍ରସିଦ୍ଧ ବାବା ବାଲକେଶ୍ୱର ପାତାଳି ମହାଦେବ ମନ୍ଦିରରେ ମହାଶିବରାତ୍ରି ଉତ୍ସବ ପାଳନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଦେବ ପରିଚାଳନା କମିଟି ସଭାପତି ଗଙ୍ଗାଧର ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। ରାତି ୪ଟାରେ ମହାଦୀପ ଉଠିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ଦିକ୍ଷୀତ, ଶ୍ୟାମସୁନ୍ଦର ଦିକ୍ଷୀତ, ସେବକ କାର୍ତ୍ତିକ ଦାସ, କର୍ମକର୍ତ୍ତା ପ୍ରଫୁଲ୍ଲ ଦାସ, ମାନସ ମିଶ୍ର, ଜଗନ୍ନାଥ ବେହେରା, ହରେକୃଷ୍ଣ ଦାସ, ଘନଶ୍ୟାମ ଦାସ, ହରେକୃଷ୍ଣ ବାରିକ ଓ କହ୍ନେଇ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନିଜ କଲେଜରେ ପରୀକ୍ଷା ଦାବିରେ ରାସ୍ତା ଅବରୋଧ

**ଭୋଗରାଇ,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କମର୍ଦ୍ଦା ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନିଜ କଲେଜରେ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଦାବିକରି ବୁଧବାର ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟରାସ୍ତା କମର୍ଦ୍ଦା ଡାକବଙ୍ଗଳାଠାରେ ରାସ୍ତାରୋକୋ କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ଼ ଧରି ସ୍ଲୋଗାନ ଦେଇ ଦୀର୍ଘ ସମୟ ଧରି ନାରାବାଜି ଦେଇଥିଲେ। ରାସ୍ତା ଅବରୋଧ ଯୋଗୁ ଯାନବାହନ ଅଟକି ରହିଥିଲା। ଦୂରଦୂରାନ୍ତ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଦୁର୍ଦ୍ଦଶା ଭୋଗିବା ସହିତ ମାଲବାହୀ ଗାଡ଼ିଗୁଡ଼ିକ ଆଗକୁ ଗଡ଼ିପାରି ନ ଥିଲା। ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାରୀ ଓ କମର୍ଦ୍ଦା ଥାନା ଅଧିକାରୀ ପାସ୍କେ ଏକ୍କାଙ୍କ ନେତୃତ୍ୱରେ ଏକ ପୋଲିସ ବାହିନୀ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଏହି ଦାବି ସମ୍ପର୍କରେ ଶିକ୍ଷା ବିଭାଗକୁ ଜଣାଇବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ଏହି କଲେଜରେ ଦୀର୍ଘବର୍ଷ ଧରି ଯୁକ୍ତ ୨ ପରୀକ୍ଷାକେନ୍ଦ୍ର ହୋଇ ଆସୁଥିବା ବେଳେ ଗତବର୍ଷ ବାର୍ଷିକ ପରୀକ୍ଷାର ସ୍ୱଚ୍ଛତାକୁ ନେଇ କେତେକ ପରୀକ୍ଷାର୍ଥୀ ଓ ଅବଜର୍ଭରଙ୍କ ସହିତ କଥା କଟାକଟି ଓ ଗାଡ଼ି ଅଟକ ଭଳି ଅଭିଯୋଗ ହୋଇଥିଲା। ଚଳିତବର୍ଷ ଏହି କଲେଜରେ ଯୁକ୍ତ ୨ ପରୀକ୍ଷା କେନ୍ଦ୍ରକୁ ବାତିଲ୍ କରି ଏଠାରୁ ୧୫ କି.ମି. ଦୂର ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇ ଥିବାରୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।


କମର୍ଦ୍ଦା ଡାକବଙ୍ଗଳାଠାରେ ଛାତ୍ରୀଛାତ୍ରଙ୍କ ରାଜରାସ୍ତା ଅବରୋଧ।

### ୭ କେନ୍ଦ୍ରରେ ୧୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ସିମୁଳିଆ, ୧୯।୨ (ଡି.ଏନ.ଏ.):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ତେବେ ସିମୁଳିଆ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୧୫ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣକୁ ନେଇ ଅନୁପସ୍ଥିତ ଥିବା ସୂଚନା ମିଳିଛି। ସେଥିମଧ୍ୟରେ ମହମ୍ମଦପୁର ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ଜଣେ, ଭାରତସେବାନିଧି କେନ୍ଦ୍ରରେ ୨ଜଣ, ଦଶଭୁଜା କେନ୍ଦ୍ରରେ ୩ଜଣ, ବରି କେନ୍ଦ୍ରରେ ୨ଜଣ, ରଘୁନାରାୟଣ ହାଇସ୍କୁଲ କେନ୍ଦ୍ରରେ ୫ଜଣ, ବାଲିଖଣ୍ଡ କେନ୍ଦ୍ରରେ ଜଣେ ଓ ଉପେନ୍ଦ୍ରନାଥ ଏକାଡେମୀ କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ଚଳିତବର୍ଷ ସିମୁଳିଆ ବ୍ଲକର ୨୪ଟି ହାଇସ୍କୁଲରୁ ୧୫୩୪ ଜଣ ଓ ଏକ୍ସରେଗୁଲାର ୩୦ଜଣ ମୋଟ ୧୫୩୪ଜଣ ପରୀକ୍ଷାର୍ଥୀ ବିଭିନ୍ନ ୮ଟି କେନ୍ଦ୍ରରେ ପରୀକ୍ଷା ଦେବାର ଥିଲା।

# ୧୨ କଳାକାର ସମ୍ବର୍ଦ୍ଧିତ

**ଖଇରା, ୧୯।୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଶିରିପୁର-ବାସିନ୍ଦିପୁର ଠାରେ ଚାଲିଥିବା ୧୯ତମ ଦଧିବାମନ ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହରେ ମଙ୍ଗଳବାର ତୃତୀୟ ଦିବସରେ ଯଜ୍ଞ ଓ ସଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପଣ୍ଡିତ ପର୍ଶୁରାମ

**ତାରକେଶ୍ୱର ଯଜ୍ଞର ତୃତୀୟ ଦିବସ**


ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଶତପଥିଙ୍କ ତତ୍ତ୍ୱାବଧାନରେ ଗଣପତି ମହଯଜ୍ଞର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଚଳଚ୍ଚିତ୍ର ଅଭିନେତା ବିରେନ ମିଶ୍ର ମୁଖ୍ୟଅତିଥି, କଣ୍ଠଶିଳ୍ପୀ ଶଙ୍କର ଦାନ ମୁଖ୍ୟବକ୍ତା, ଯୁବନେତା ଉଦୟ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଆ ଚଳଚ୍ଚିତ୍ର ଧାରାବାହିକ ଜଗତର ଚର୍ଚ୍ଚିତ କଳାକାର ସରୋଜ ଦାସ, ବିରେନ ମିଶ୍ର, ଏସ୍. କେ. ମୂରଲୀଧରନ, ଜ୍ୟୋତି ପଣ୍ଡାଙ୍କ ସମେତ ୧୨ଜଣଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ତାରକେଶ୍ୱର ଯଜ୍ଞ କମିଟି ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢୀ, ଦାମୋଦର ସାହୁ, ମହେନ୍ଦ୍ର ବେହେରା, ଈଶ୍ୱର ରାଉତ, ଅକ୍ଷୟ ବେହେରା, ଅଜୟ ସାହୁ, ତୃପ୍ତିକାନ୍ତ ପାଢୀ, ସପନ ସାହୁ, ଭଗବାନ ସାହୁ ପ୍ରମୁଖ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଉପରେ ସମୀକ୍ଷା

**ବାଲେଶ୍ୱର ଅଫିସ,୧୯।୨:** ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ବୁଧବାର ବାଲେଶ୍ୱର ଜିଲା ଗସ୍ତରେ ଆସି ଦକ୍ଷତା ବୃଦ୍ଧି ସମ୍ପର୍କରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ପ୍ରଦେଶ ସହପ୍ରଭାରୀ ଭି. ରୁଦ୍ରରାଜୁ, ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଏବଂ ବାଲେଶ୍ୱର

**ଯୋଗଦେଲେ ରାଜ୍ୟ ପ୍ରଭାରୀ**

ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା।

ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲେଶ୍ୱର ସଦର, ନୀଳଗିରି, ଖଇରା, ସିମୁଳିଆ, ବାହାନଗା, ରେମୁଣାର ବ୍ଲକସ୍ତରୀୟ ନେତା, କର୍ମୀ, କର୍ମକର୍ତ୍ତା, ପୂର୍ବତନ ବିଧାୟକ ଏବଂ ପ୍ରାର୍ଥୀମାନଙ୍କ ସହ ବ୍ଲକୱାରୀ ପୃଥକ ଭାବେ ଆଲୋଚନା କରିଥିଲେ। ସଙ୍ଗଠନକୁ କିଭଳି ତୃଣମୂଳସ୍ତରରେ ଅଧିକ ମଜବୁତ୍ କରାଯାଇପାରିବ ସେ ସମ୍ପର୍କରେ


ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମୀକ୍ଷା କରାଯାଉଛି।

ପ୍ରଭାରୀ ସିଂ ମତାମତ ଲୋଡ଼ିଥିଲେ। ଜିଲା କଂଗ୍ରେସ କମିଟି ନୂତନ ସଭାପତି ଓ କର୍ମକର୍ତ୍ତା ଚୟନ ସମ୍ପର୍କରେ ମଧ୍ୟ କର୍ମୀମାନଙ୍କଠାରୁ ମତାମତ ଲୋଡ଼ିଥିଲେ। ଖୁବଶୀଘ୍ର ଜିଲାସଭାପତି ଚୟନ କରାଯିବ ବୋଲି ପ୍ରଭାରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଅନନ୍ତ ପ୍ରସାଦ ସେଠୀ, ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ସର୍ମିଷ୍ଠା ସେଠୀ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକ, ଗୋପନାରାୟଣ ଦାସ, ଅକ୍ଷୟ ଆଚାର୍ଯ୍ୟ, ଯୁଧିଷ୍ଠିର ଜେନା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସ, ସୁଦର୍ଶନ ଦାସ, ବିଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ୩୩୮୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୭ ଅନୁପସ୍ଥିତ

**ଜଳେଶ୍ୱର,୧୯।୨ (ସ୍ୱ.ପ୍ର.):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜଳେଶ୍ୱର ସରକାରୀ ହାଇସ୍କୁଲ ହବ୍‌ସେଣ୍ଟରରେ ପହଞ୍ଚି ପରୀକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜଳେଶ୍ୱର ବ୍ଲକର ୧୮ଟି ପରୀକ୍ଷା କେନ୍ଦ୍ରରେ ୩୩୮୬ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିଲା।ସେଥିରୁ ୯୭ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଜଳେଶ୍ୱର ବ୍ଲକର ଶିଖରପୁରସ୍ଥିତ ଏସ୍‌ଏସ୍‌ବିବି ହାଇସ୍କୁଲରେ ୧୫୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୩ଜଣ ଅନୁପସ୍ଥିତ ଅଛନ୍ତି। ଚମାରଗାଁରେ ପିଏନ୍ ହାଇସ୍କୁଲରେ ଜଣେ, ପାଇକସିଦାର ଜଳନ୍ଧର ହାଇସ୍କୁଲରେ ୪, ମହୁଲିଆର ଏମ୍‌ଏନ୍ ହାଇସ୍କୁଲରେ ୨, ଲକ୍ଷ୍ମଣନାଥ ସରକାରୀ ହାଇସ୍କୁଲରେ ୫ ଜଣ ଅନୁପସ୍ଥିତ ଅଛନ୍ତି। ଭଣ୍ଡାରୀପଲ୍ଲି ଏନ୍‌ସି ହାଇସ୍କୁଲରେ ୨, ମୁଣଦୁଣିଆ ପିସି ହାଇସ୍କୁଲରେ ଜଣେ, ଓଲମରା ହାଇସ୍କୁଲରେ ୩, ଛମୌଜ ଏମ୍‌ସି ହାଇସ୍କୁଲରେ ୮, ଖୁଲୁଡା ଶୀତଳା ହାଇସ୍କୁଲରେ ୪, ପଶ୍ଚିମବାର୍ଡ଼ ଆର୍‌କେ ହାଇସ୍କୁଲରେ ୧୧ ଅନୁପସ୍ଥିତ ଅଛନ୍ତି। ସେହିପରି ଜଳେଶ୍ୱର ନୋଡ଼ାଲ ହାଇସ୍କୁଲରେ ଜଣେ, ଚାଳନ୍ତି ଏସ୍‌ଏନ୍ ହାଇସ୍କୁଲର ଜଣେ, ଜମାଳପୁର ବିଏନ୍ ଏକାଡେମୀରେ ୩, କମାରଶାଳିଆ ଏମ୍‌ଏସ୍‌ଆଇ ସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ୧୬, ନାମ୍ପୋ ହାଇସ୍କୁଲରେ ୮, ବାଗପୁଞ୍ଜି ଏସ୍‌ଦେବ ନୋଡାଲ ହାଇସ୍କୁଲରେ ଜଣେ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ହେଉଥିବା ଜଳେଶ୍ୱର ନୋଡ଼ାଲ ହାଇସ୍କୁଲର ୨୨ଜଣ ପରୀକ୍ଷାର୍ଥ ଅନୁପସ୍ଥିତ ଅଛନ୍ତି।

# ୩ ଅଙ୍ଗନୱାଡି କେନ୍ଦ୍ରରେ ତଦନ୍ତ ଆରମ୍ଭ


ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ଲକ ଅଧ୍ୟକ୍ଷ ଓ ଏବିଡ଼ିଓ ତଦନ୍ତ କରୁଛନ୍ତି।

**ରୂପ୍‌ସା, ୧୯।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ନିମା, ଖିରଂ ଓ ଗୁଣ୍ଡୁରିପଦା ଅଙ୍ଗନୱାଡ଼ି କେନ୍ଦ୍ରରେ ମଙ୍ଗଳବାର ତଦନ୍ତ ଆରମ୍ଭ ହୋଇଛି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଅନିୟମିତତା ହେବା ସହ ଶିଶୁଙ୍କୁ ପାଠପଢ଼ା ଯାଉ ନ ଥିବା ନେଇ ସ୍ୱଚ୍ଛ ସବୁଜ ଯୁବସଙ୍ଗଠନ ଓ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲା। ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ଏବିଡ଼ିଓ ରବିନାରାୟଣ ବେହେରା ଉକ୍ତ ୩ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଅଭିଯୋଗକାରୀ ଗ୍ରାମବାସୀ ଓ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀଙ୍କୁ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ୩ବର୍ଷ ଧରି ଗୁଣ୍ଡୁରିପଦା ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିପଦସଙ୍କୁଳ ଭଙ୍ଗା ଘରେ ଶିଶୁମାନଙ୍କୁ ପାଠପଢ଼ା ଯାଉଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ନିମା, କ୍ଷୀରଂ କେନ୍ଦ୍ରରେ ପାଠପଢ଼ା ଓ ଅଙ୍ଗନୱାଡ଼ି ଖାଦ୍ୟ ପ୍ରଦାନରେ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସଙ୍ଗଠନ ସଭାପତି ରାଜେଶ ସେଠୀ, ସଞ୍ଜୟ ଦାସ, ଗୌରାଙ୍ଗ ପ୍ରଧାନ, ତପନ ବେହେରା ଓ ପଦ୍ମଲୋଚନ ଗୋଚ୍ଛାୟତଙ୍କ ସମେତ ବହୁ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ। ତଦନ୍ତ ଅନୁଯାୟୀ ଅନିୟମିତତା ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

### ସହାୟତାର ହାତ ବଢ଼ାଇଲେ ସହପାଠୀ

**ଆରଡ଼ି, ୧୯।୨ (ଡି.ଏନ.ଏ.):** ଦିଲ୍ଲୀରୁ ଘରକୁ ଆସୁଥିବା ବେଳେ ଟ୍ରେନରୁ ଖସିପଡ଼ିଥିଲେ ଚାନ୍ଦବାଲି ବ୍ଲକର ବୋଡ଼କ ଗ୍ରାମର ଅରବିନ୍ଦ ମାଝୀ(୪୯)। ସୌଭାଗ୍ୟବଶତଃ ଜୀବନ ବଞ୍ଚିଯାଇଥିଲେ ହେଁ ଗୁରୁତର ଥିବା ଅରବିନ୍ଦଙ୍କ ଚିକିତ୍ସା ପାଇଁ ୧୯୮୭ ମାଟ୍ରିକ ବ୍ୟାଚ୍‌ର ସହପାଠୀମାନେ ସହାୟତା ପ୍ରଦାନ କରିଛନ୍ତି। ଉଦୟ ନାୟକ, ଜୟନ୍ତ ନାୟକ, ନିରଞ୍ଜନ ନାୟକ, ପ୍ରକାଶ ନାୟକ, ଅନୁପ୍ରିୟା ଜେନା, ଅପର୍ଣ୍ଣା ଦାସ, ସବିତା ନାୟକ, ପ୍ରକାଶ ବିଶ୍ୱାଳ, ପ୍ରଶାନ୍ତ ବାରିକ, ଅଶୋକ ବାରିକ, ସୁନିଲ ବିଶ୍ୱାଳ ପ୍ରମୁଖ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସହପାଠୀ ଦୀପ୍ତିରଞ୍ଜନ ନାୟକ ତାଙ୍କୁ ଯାଜପୁରରେ ଥିବା ଜଣେ ଅସ୍ଥିଶଲ୍ୟ ବିଭାଗ ପ୍ରଫେସରଙ୍କ ପାଖକୁ ନେଇ ଗୋଡ଼ ପ୍ଲାଷ୍ଟର କରାଇଛନ୍ତି।

# ଜରି ବସ୍ତାରେ ଧାନକିଣାକୁ ନେଇ ବିବାଦ

**ପଦ୍ମପୁର,୧୯।୨(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗଠାରେ ମହିଳା ମହାସଂଘ ପକ୍ଷରୁ ଗୋରାମାଟି ଓ ସାବରଙ୍ଗ ପଞ୍ଚାୟତର ଚାଷୀଙ୍କଠାରୁ ଧାନ କିଣା ଯାଉଛି। ପ୍ରଥମରୁ ଝୋଟ ଅଖାରେ ଚାଷୀମାନଙ୍କଠାରୁ ଧାନ କିଣାଯାଇ ମିଲ୍‌କୁ ପଠାଯାଉଥିଲା। ଏବେ ସଂଘ ତରଫରୁ ଜରି ବସ୍ତାରେ ଧାନ କିଣାଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ଟ୍ରକ ଯୋଗେ ସମ୍ବଲପୁରକୁ ଜରି ବସ୍ତାରେ ଧାନ ପଠାଯିବା ପାଇଁ ବୋଝେଇ କରାଯାଉଥିବାବେଳେ ଚାଷୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଧାନ ଟ୍ରକରେ ବୋଝେଇ ହୋଇ ନ ପାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିଲା। ରାତିତମାମ ଧାନକୁ ଚାଷୀ ଜଗିରହିଥିବା ବେଳେ ବୁଧବାର ସୁଦ୍ଧା ଉଠାଯାଇ ପାରିନାହିଁ। ଚାଷୀମାନେ ଅପରାହ୍ନରେ ଜିଲା ଯୋଗାଣ ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ଗ୍ରାମାଞ୍ଚଳ ଥାନାଧିକାରୀଙ୍କୁ ତୁରନ୍ତ ଧାନ ଉଠାଇବା ପାଇଁ ଦାବିପତ୍ର ପ୍ରଦାନ କରଛନ୍ତି। ସେହିପରି ବ୍ରହ୍ମପୁର ସେବା ସମବାୟ ସମିତିରେ ୨ଟି ଟ୍ରକ୍‌ରେ ଜରିବସ୍ତାରେ ଧାନ ବୋଝେଇ ହେଉଥିବାବେଳେ ଚାଷୀମାନେ ଏହାକୁ ବିରୋଧ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ସମ୍ପର୍କରେ ସମିତି ସମ୍ପାଦକ ବିଷ୍ଣୁମୋହନ ଘଡ଼େଇଙ୍କୁ ପଚାରିବାରୁ ସମ୍ପୃକ୍ତ ମିଲ୍ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଅଖା ବସ୍ତା ଯୋଗାଇ ଦେଇ ନ ଥିବାରୁ ବାଧ୍ୟ ହୋଇ ଜରିବସ୍ତାରେ ଧାନ ନିଆଯାଉଛି ବୋଲି କହିଥିଲେ। ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ଚଳିତ ଋତୁରେ ଜରି ବସ୍ତାରେ ଧାନ କ୍ରୟ ନ କରିବା ପାଇଁ ନିର୍ଦ୍ଦେଶନାମା ଥିବାବେଳେ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।


ମିଲ୍‌କୁ ପଠାଯିବା ପାଇଁ ଧାନବସ୍ତା ଟ୍ରକ୍‌ରେ ଲୋଡ୍ କରାଯାଉଛି।

# 'ସମାଜ ଶୋଷଣମୁକ୍ତ ହେବା ଜରୁରୀ'

**ଭୋଗରାଇ,୧୯।୨(ଡି.ଏନ.ଏ.)**

ସ୍ୱାର୍ଥବାଦୀ ମଣିଷ ସମାଜ ଓ ପରିବେଶକୁ ପ୍ରଦୂଷଣ କରି ଦେଶକୁ ଭୟଙ୍କର ସ୍ଥିତି ଆଡ଼କୁ ନେଉଥିବା କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଅନଳିଆ-ନସରାବାଦ ସନ୍ତୋଷୀ ମାତା ମନ୍ଦିର ପରିଚାଳନା କମିଟିର ବାର୍ଷିକ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ବିଶିଷ୍ଟ ସାମାଜିକକର୍ମୀ ଭବଶଙ୍କର ମହାନ୍ତିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ସତ୍ୟଶିବ ଦାସ, ସମ୍ମାନନୀୟ ଅତିଥି ଭାବେ ଶିଳ୍ପଦ୍ୟୋଗୀ ତଥା ଭାଜପା ନେତା ଅଂଶୁମାନ ମହାନ୍ତି, ସମିତିସଦସ୍ୟ ସନ୍ତୋଷ କୁମାର ଜେନା, ଆଶିଷ କୁମାର ମହାନ୍ତି, ଦେଉଳା ସେବା ସମବାୟ ସମିତି ତଥା ଭୋଗରାଇ ସେବା ସମିତିର ବ୍ଲକ ସଭାପତି ହରେନ୍ଦ୍ର ଦାସ ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟକୁ ରୋକିବାକୁ ହେଲେ ଯୁବପିଢ଼ି ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାକୁ ଦୀପ୍ତିମନ୍ତ କରିବାକୁ ପଡ଼ିବ ବୋଲି ମତପ୍ରକାଶ କରିଥିଲେ। ୪ଦିନ ବ୍ୟାପୀ ଏହି ସାଂସ୍କୃତିକ ଅନୁଷ୍ଠାନକୁ ପରିଚାଳନା କରିଥିଲେ ସନ୍ତୋଷୀ ମାତା ମନ୍ଦିର ଟ୍ରଷ୍ଟବୋର୍ଡ଼ର ସଭାପତି ସୁଭାଷ ଚନ୍ଦ୍ର ଜେନା, ସରପଞ୍ଚ ବ୍ରଜକିଶୋର ମହାନ୍ତି, ସୁଧାଂଶୁ ଶେଖର ଜେନାଙ୍କ ସହ ବହୁ ସ୍ଥାନୀୟ ଗ୍ରାମବାସୀ। ଭୋଗରାଇ ଥାନାଛକସ୍ଥିତ ଭାଜପା ଅଫିସ୍‌ରେ କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ନେତା ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ବହୁ ନେତା ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଅନ୍ୟ ଅତିଥିମାନେ।

# 'ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁ'

**ରାଇରଙ୍ଗପୁର,୧୯।୨ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜନ ଗୋରୁମହିଷାଣୀ ଲୁହାଖଣି ଅଞ୍ଚଳବାସୀଙ୍କ ବିକାଶ ଓ ଖଣିରେ କୁଶଳୀ ଏବଂ ଅଣକୁଶଳୀ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି ନେଇ ମଙ୍ଗଳବାର ମାରାଂଗୁରୁ ଆଦିମ ଖେରୱାଲ ସେବା ସମିତି ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋରୁମହିଷାଣୀର ସମ୍ପୃକ୍ତ ଖଣି ଲିଜ୍‌ଧାରୀ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କ ସମେତ ଅଣକୁଶଳୀ ଓ କୁଶଳୀ ଲୋକଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଅବହେଳା କରୁଥିବା ନେଇ ବୈଠକରେ ଅଭିଯୋଗ ଉଠିଥିଲା। କାମଧନ୍ଦା ନ ପାଇ ଶିକ୍ଷିତ ବେକାର ଯୁବତୀଯୁବକମାନେ ଅନ୍ୟ ରାଜ୍ୟକୁ ଚାଲି ଯାଉଥିବା ନେଇ ସଂଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଲୁହାଖଣି ଅଞ୍ଚଳବାସୀଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ବେକାରି ସମସ୍ୟା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷକୁ ୨ ଥର ଜନଶୁଣାଣି କରାଯିବାକୁ ନିୟମ ଥିବାବେଳେ ଏହା କାର୍ଯ୍ୟକାରୀ କରାଯାଉ ନ ଥିବା ଏବଂ ସମ୍ପୃକ୍ତ ଲୁହାଖଣିରେ ଅନ୍ୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଲୁହାଖଣିରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକଙ୍କୁ ତାଙ୍କ ଧାର୍ଯ୍ୟ ଦରମା ଏବଂ ମଜୁରି ମିଳୁ ନ ଥିବା ନେଇ ଆଲୋଚନା ହୋଇଥିଲା। ଲୁହାଖଣି ଅଞ୍ଚଳବାସୀଙ୍କ ବିକାଶ ଏବଂ ବେକାର ଯୁବତୀଯୁବକଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଜନଶୁଣାଣି କରା ନ ଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଗଠନର ସଭାପତି ଲକ୍ଷ୍ମଣ ଟୁଡ୍ଡୁ, ସାଧାରଣ ସମ୍ପାଦକ ଆନପା ସୋରେନଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଏବଂ ଶତାଧିକ ଶ୍ରମିକ ଯୋଗଦେଇଥିଲେ।


ବୈଠକରେ ଉପସ୍ଥିତ ମାରାଂଗୁରୁ ଅଦିମ ଖେରୱାଲ ସେବା ସମିତିର କର୍ମକର୍ତ୍ତା।

## ସଂକ୍ଷେପରେ

### ବନ୍ତରୁ ପୁରୀ ଦୌଡ଼ିଲେ ସୌରଭ



ବନ୍ତ,୧୯।୨(ଡି.ଏନ.ଏ.)-ପୂର୍ବ ପ୍ରସ୍ତୁତି ଅନୁଯାୟୀ ବୁଧବାର ଭଦ୍ରକ ଜିଲା ବନ୍ତ ଗ୍ରାମର ଯୁବ ଧାବକ ସୌରଭ ସେଠୀ ବନ୍ତରୁ ପୁରୀ ଅଭିମୁଖେ ଦୌଡ଼ିବା ଆରମ୍ଭ କରିଛନ୍ତି। ସେ ସକାଳ ୬ଟାରେ ବନ୍ତ ପୁରୁଣାବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପୁରୀ ଅଭିମୁଖେ ଦୌଡ଼ିବା ଆରମ୍ଭ କରିଥିଲେ। ଦୌଡ଼ିବା ସମୟରେ ତାଙ୍କୁ ବନ୍ତ ଗ୍ରାମର ଶିକ୍ଷକ ମଳୟ କୁମାର ନାୟକ, କୈଳାସ ସାହୁ, ଜ୍ୟୋତିରଞ୍ଜନ ନାୟକ, ଚନ୍ଦନ ମହାନ୍ତି, ରଙ୍କନିଧି ସାହୁ, ପରମାନନ୍ଦ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ସେ ବନ୍ତ-ବାରିକପୁର ରାସ୍ତା ଦେଇ ତରାପୁର, ନିଳୋକ, କ୍ଷେଣତୀରା, ଗୋବିନ୍ଦପୁର, କେନ୍ଦୁଆପଦା, ତୋଡଗାଁ ଆଦି ବଜାର ଅତିକ୍ରମ କରି ବାରିକପୁରଠାରେ ପହଞ୍ଚିଥିଲେ। ସେଠାରୁ ସେ ୧୬ ନମ୍ବର ଜାତୀୟ ରାଜପଥରେ ଦୌଡ଼ିବା ଆରମ୍ଭ କରିଥିଲେ। ଅପରାହ୍ନ ୪ଟା ସୁଦ୍ଧା ସେ କଟକ ଅତିକ୍ରମ କରିଥିବା ସୂଚନା ମିଳିଛି। ବନ୍ତ ପୋଲିସ ପକ୍ଷରୁ ତାଙ୍କୁ ଗାଇଡ୍ କରାଯାଇ ବାରିକପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଅପରପକ୍ଷେ ଦୌଡ଼ିବା ସମୟରେ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୁବିଧା ଯୋଗାଇ ଦିଆଯାଇ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୧୯।୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ସରଗଡ଼ା ନିକଟବର୍ତ୍ତୀ ହାତୀଛାଡ଼ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସମବାରୀ ମାଝୀ(୩୨)। ମଙ୍ଗଳବାର ଖବରପାଇ ରାଇରଙ୍ଗପୁର ଏସ୍‌ଡିପିଓ ସ୍ନେହାଶିଷ ସାହୁ ଓ ଗୋରୁମହିଷାଣୀ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସମବାରୀଙ୍କ ବାପା ଦାସପାତ ମାରାଣ୍ଡି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯/୨୦୨୦) ରୁଜୁକରି ସମବାରୀଙ୍କ ସ୍ୱାମୀଙ୍କୁ ଗିରଫ କରିଛି।

### ବଳାତ୍କାର ମାମଲାରେ ବୃଦ୍ଧ ଗିରଫ

ରାଇରଙ୍ଗପୁର,୧୯।୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଳରାମ ମାଝୀ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୮/୨୦୨୦) ରୁଜୁ କରି ତଦନ୍ତ ଚଳାଇଛି।

### ବଡ଼ସାହିରେ ନୂତନ ତହସିଲଦାର

ବଡ଼ସାହି,୧୯।୨(ସ୍ୱ.ପ୍ର)- ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତଙ୍କ ବଦଳି ପରେ ନୂତନ ତହସିଲଦାର ଭାବେ ମମତାଜ ମହାରଣା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ମୟୂରଭଞ୍ଜ ଜିଲାର ସହକାରୀ ଜିଲାପାଳ ଭାବେ ଅବସ୍ଥାପିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ତହସିଲ ଅଞ୍ଚଳର ଜନସାଧାରଣଙ୍କ ଉନ୍ନତି ତଥା ସରକାରୀ ସୁବିଧା ଯୋଗାଇ ଦେବେ ବୋଲି ପ୍ରକାଶ କହିଛନ୍ତି ।

### ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ଘଟଣା: ଜଣେ ଗିରଫ

କୁଆମରା,୧୯।୨(ଡ଼ି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅଧୀନ ନାଉପଦା ଗ୍ରାମକୁ ବିଲ୍ ଆଦାୟ କରିବାକୁ ଯାଇଥିବା ନେସ୍କୋ କର୍ମଚାରୀଙ୍କୁ ଉପଭୋକ୍ତା ଅଟକ ରଖିବା ଘଟଣାରେ ଖୁଣ୍ଟା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉପଭୋକ୍ତା ରାମକୃଷ୍ଣ ନାୟକଙ୍କ ପୁଅ ଶାନ୍ତନୁ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଉପଭୋକ୍ତାଙ୍କ ପକ୍ଷରୁ ନେସ୍କୋ କର୍ମଚାରୀଙ୍କ ନାମରେ ମଧ ପାଲଟା ଅଭିଯୋଗ ହୋଇଛି।

# ଶାନ୍ତିଶୃଙ୍ଖଳାରେ ସରିଲା ମାତୃଭାଷା ପରୀକ୍ଷା

■ବନ୍ତରେ ୪୬, ଭଣ୍ଡାରିପୋଖରୀରେ ୩୪ ପରୀକ୍ଷାର୍ଥୀ ଅନୁପସ୍ଥିତ

■ଜଣେ ମାଲ୍ ପ୍ରାକ୍ଟିସ



ଭଦ୍ରକ ଜିଲା ସ୍କୁଲ ପରୀକ୍ଷା କେନ୍ଦ୍ର।

ଭଦ୍ରକଅଫିସ/ବନ୍ତ/ଭଣ୍ଡାରିପୋଖରୀ, ୧୯।୨(ଡି.ଏନ.ଏ/ସ୍ୱ.ପ୍ର.)- ଭଦ୍ରକ ଜିଲାର ବିଭିନ୍ନ କେନ୍ଦ୍ରରେ ବୁଧବାର ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ୭ଟି ବ୍ଲକରେ ୧୧୭ ପରୀକ୍ଷା କେନ୍ଦ୍ରରେ ମୋଟ ୨୩,୫୬୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ବନ୍ତରେ ୪୬ ଓ ଭଣ୍ଡାରିପୋଖରୀରେ ୩୪ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ବୋଲି ସୂଚନା ମିଳିଛି। ଜଣେ ପରୀକ୍ଷାର୍ଥୀ ମାଲ୍ ପ୍ରାକ୍ଟିସ୍ ହୋଇଛନ୍ତି। ପରୀକ୍ଷାର୍ଥୀ ଜଣଙ୍କ କପି କରୁଥିବାବେଳେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଓ ଧାମନଗର ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲେ।

ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଅନୁଯାୟୀ, ଜିଲାରେ ୨୨,୩୩୩ ପରୀକ୍ଷାର୍ଥୀ ରେଗୁଲାର ଥିବାବେଳେ ମଧ୍ୟମା ସଂସ୍କୃତରେ ୨୩୧, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ଭାବେ ୨୧୨ ଜଣ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ପ୍ରଶ୍ନପତ୍ର ଓ ଉତ୍ତରଖାତା ନେବା ଆଣିବା ପାଇଁ ୨୩ଟି ଡେସ୍‌ପାଚ୍ ଟିମ୍ ଏବଂ କପି ଓ ଅପରାଧ ରୋକିବା ଲାଗି ୩ଟି ଫ୍ଲାଇଂସ୍କ୍ୱାଡ ଟିମ୍ ଗଠନ କରାଯାଇଛି। ପରୀକ୍ଷାକୁ କପିମୁକ୍ତ କରିବା ପାଇଁ ଜିଲାରେ ଚଳିତବର୍ଷ ୩୫ଟି ପରୀକ୍ଷାକେନ୍ଦ୍ରରେ ସିସିକ୍ୟାମେରା ଲଗାଯାଇଛି।

# 'ଖବରଦାତା ସମାଜର ଜାଗ୍ରତ ପ୍ରହରୀ'

ବାସୁଦେବପୁର, ୧୯।୨ (ଡି.ଏନ.ଏ.)

ବାସୁଦେବପୁର ଟାଉନହଲ୍ ପରିସରରେ ବୁଧବାର ଓଡ଼ିଶା ସାମ୍ବାଦିକ ୟୁନିଅନ ଭଦ୍ରକ ଜିଲା ଶାଖାର ବାର୍ଷିକ ଉତ୍ସବ ବ୍ଲକ ୟୁନିଅନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାଜରେ ଖବରଦାତାମାନେ ଜାଗ୍ରତ ପ୍ରହରୀ। ସତ୍ୟ ଓ ନିରପେକ୍ଷ ଖବର ପ୍ରସାରଣ କରିବା ସେମାନଙ୍କ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ। ଏକ ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଏମ୍‌ପି କହିଥିଲେ। ବରେଣ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଅନ୍ୟତମ ବକ୍ତା ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ୟୁନିଅନର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇ ଖବରଦାତାମାନଙ୍କ ସୁରକ୍ଷା ଓ ଦାବି ସମ୍ପର୍କରେ ମତ ରଖିଥିଲେ। ଏଥିସହ ବିଧାନସଭା ଓ ସଂସଦରେ ଏ ସମ୍ପର୍କରେ ଉପସ୍ଥାପନ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ରାଜ୍ୟ ଉପସଭାପତି କିଷାନ ରାଉତ ଓ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ଚନ୍ଦ୍ର ବାରିକ ମତ ରଖିଥିଲେ। ଜିଲା ସଭାପତି ଡ. ହରିହର ନାୟକ ମଞ୍ଚ ପରିଚାଳନା ଓ ସମ୍ପାଦକ ଗୌରହରି ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବନମାଳୀ ବାରିକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ୟୁନିଅନର ଭଦ୍ରକ ସମେତ ବିଭିନ୍ନ ଜିଲାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାସୁଦେବପୁର ବ୍ଲକ ଶାଖାର ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ସହ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ବାସୁଦେବପୁରର ପ୍ରଥମ ଖବରକାଗଜ ବିତରକ ତଥା ସାମାଜିକ କର୍ମୀ ମନ୍ଦରଧର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମନ୍ଦରଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ଉପସ୍ଥିତ ଅତିଥି।

# ଭଦ୍ରକରେ ଆସାମର ୪୦ ଚାଷୀ



ଆସାମର ଚାଷୀଙ୍କୁ ଜିଆ ଖତ ପ୍ରସ୍ତୁତ ପ୍ରଣାଳୀ ଦେଖାଯାଉଛି।

ଭଦ୍ରକ ଅଫିସ, ୧୯।୨

ଆସାମ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଜିଲାର ୪୦ଜଣ ଅଗ୍ରଣୀ ଚାଷୀ ଉନ୍ନତ ଚାଷ ପ୍ରଣାଳୀ ଓ ବିଭିନ୍ନ ଚାଷ ମଡେଲ ଅନୁଧ୍ୟାନ ପାଇଁ ବୁଧବାର ଭଦ୍ରକ ଗସ୍ତ କରିଥିଲେ। ଭଦ୍ରକ ରାଣୀତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ୪୦ ଚାଷୀ ଓ ୪ ଏକ୍ସପର୍ଟ ଦିନତମାମ ରହି ସୂର୍ଯ୍ୟମୁଖୀ, ଧାନ ଚାଷ, ଜିଆ ଖତ ପ୍ରସ୍ତୁତି ଓ ବ୍ୟବହାର, ମୁଗ, ବିରି, ଛତୁ ବିହନ ଉତ୍ପାଦନ, କଡ଼କନାଥ କୁକୁଡ଼ା ଚାଷ ସମେତ ସମନ୍ୱିତ ଚାଷ ପ୍ରଣାଳୀ, ମୃତ୍ତିକା ଓ ପାଣି ପରୀକ୍ଷା କେନ୍ଦ୍ର, ମୁଣ୍ଡା ଜାଆଁଳ ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଟିମ୍ ଦିନିକିଆ ଗସ୍ତରେ ଆସି ଉନ୍ନତ ଚାଷ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ ଓ ମଡେଲ୍ ଦେଖି ସେମାନେ ଆସାମରେ ନିଜ ଚାଷ ପ୍ରଣାଳୀରେ ପରିବର୍ତ୍ତନ ଆଣିବେ ବୋଲି କୁହାଯାଇଛି। ଅନ୍ତରାଷ୍ଟ୍ରୀୟ ଧାନ ଅନୁସନ୍ଧାନ ସଂସ୍ଥା(ଇରି) ପକ୍ଷରୁ ତାରାଚାନ୍ଦ ଧୁଣ୍ଡିଆଲ୍, ସୂର୍ଯ୍ୟକାନ୍ତ ଖଣ୍ଡାୟୀ, ଅଜିତ୍ ସାମଲ କୃଷି ସମ୍ବନ୍ଧିତ ବୈଷୟିକ ତାଲିମ ପ୍ରଦାନ କରିଥିଲେ। ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ଅମ୍ବିକା ପ୍ରସାଦ ନାୟକ, ଦେବୀପ୍ରସାଦ ମହାନ୍ତି, ରୋଜାଲିନ୍ ମହାପାତ୍ର ଓ ମଣ୍ଟୁ ଚୌଧୁରୀ ତାଲିମ ଦେଇଥିଲେ।

# ବୟାଙ୍ଗ ପଦା ମେଳଣରେ ଡିଜେ ମନା

ଧାମନଗର,୧୯।୨(ଡି.ଏନ.ଏ.)

ଧାମନଗର ବ୍ଲକ ବୟାଙ୍ଗ ପଦା ମେଳଣ ପାଇଁ ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମେଳଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟିର ପୂର୍ବତନ ବରିଷ୍ଠ ସଦସ୍ୟ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ, କରୁଣାକର ବେହେରା, ଦୈତାରୀ ଦାସ, ବିଶ୍ୱମ୍ଭର ବୋଇତି, ଦାଶରଥୀ ପାତ୍ରୀଙ୍କ ଉଦ୍ଦେଶ୍ୟରେ କମିଟି ଏବଂ ଉପସ୍ଥିତ ଠାକୁରବାଡ଼ିର କର୍ମକର୍ତ୍ତା ମାନେ ନୀରବ ପ୍ରାର୍ଥନା କରିଥିଲେ। ପରେ ମେଳଣ ପାଇଁ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଉଚ୍ଚ ସ୍ୱରରେ ମାଇକ୍ ଓ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ ଲାଗି ସ୍ଥିର ହୋଇଛି। ଠାକୁରବାଡ଼ିରୁ ମେଳଣ ପଡ଼ିଆକୁ ଆସିବା ସମୟରେ ବିମାନ ସହିତ ବାଜା ରୋଶଣି ପାଇଁ ବ୍ୟାପକ ଆକର୍ଷଣୀୟ ବ୍ୟବସ୍ଥା ହୋଇଥାଏ। ପୂର୍ବରୁ ଡିଜେ ସାଉଣ୍ଡକୁ ନେଇ ବିବାଦ ଥିବାବେଳେ ଚଳିତବର୍ଷ ଏହାକୁ କମିଟି ତରଫରୁ ବାରଣ କରାଯାଇଛି। ଏହାସହିତ ଶାନ୍ତିଶୃଙ୍ଖଳାର ସହିତ ମେଳଣ ଯାତ୍ରା ସକାଶେ ଆଲୋଚନା ହୋଇଥିଲା। ସଦସ୍ୟ ଭାବେ ନାରାୟଣ ଚନ୍ଦ୍ର ପାଢ଼ୀ, ଅରବିନ୍ଦ ନାୟକ, ଦାମୋଦର ରାଉତରାୟ, ବୁଦ୍ଧିରାମ ଦାସ, ଦିନବନ୍ଧୁ ଦାସ, ଛାୟାକାନ୍ତ ମିଶ୍ର, ବିଜୟ କୁମାର ଦାସ, ସତ୍ୟମୂର୍ତ୍ତି ବେହେରା, କାଳନ୍ଦୀ ଚରଣ ଦାସ, ସୁକାନ୍ତ ମହାପାତ୍ର, ଗୋପାଳ ଦାସ, ରାଜକିଶୋର ପାଣିଗ୍ରାହୀ ଓ ରାହାସ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଶିଶୁମନ୍ଦିର ବାର୍ଷିକ ଉତ୍ସବ

ପଦ୍ମପୁର,୧୯।୨(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଜୀବନପୁରଠାରେ ସରସ୍ୱତୀ ଶିଶୁମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାସୁଦେବପୁର ସଙ୍କୁଳ ମୁଖ୍ୟ ନକୁଳ ଚରଣ ବାରିକ, ମୁଖ୍ୟବକ୍ତା ଚାନ୍ଦବାଲି ମହାବିଦ୍ୟାଳୟ ଅଧ୍ୟାପକ ବିଷ୍ଣୁମୋହନ ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ସଙ୍କୁଳ ସଂଯୋଜକ ରବୀନ୍ଦ୍ର ବାରିକ ଓ ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ପଲିତା ବାର୍ଷିକ ବିବରଣୀ ପାଠ ଓ ପ୍ରଧାନଆଚାର୍ଯ୍ୟ ରାଜେଶ ପରିଡ଼ା ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ପାଇଁ ବିଡିଓଙ୍କୁ ଭେଟିଲେ ଲୋକେ

ଭଣ୍ଡାରିପୋଖରୀ, ୧୯।୨ (ଡି.ଏନ.ଏ.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ବେଲମଳା ମୁଣ୍ଡାସାହିକୁ ଭଲରାସ୍ତା ନାହିଁ। ଫଳରେ ଲୋକେ ଯିବାଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଣ୍ଡାସାହି ଲୋକେ ଏ ନେଇ ଭଣ୍ଡାରିପୋଖରୀ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ହାଟଡିହୀ ଅରେଇକଣା ମୁଖ୍ୟ ରାସ୍ତାଠାରୁ ଆଣ୍ଠୁଆପଦୀ ପର୍ଯ୍ୟନ୍ତ ମୋରମ ରାସ୍ତା ରହିଛି। ଆଣ୍ଠୁଆପଦୀଠାରୁ ମୁଣ୍ଡାସାହି ପର୍ଯ୍ୟନ୍ତ ପ୍ରାୟ ୭୦୦ ମିଟର କଚା ମାଟି ରାସ୍ତା ଥିବାବେଳେ ଖାଲଖମାରେ ଭର୍ତ୍ତି। ବର୍ଷାଦିନେ ଲୋକେ ହଇରାଣ ହୋଇଥାନ୍ତି। ଅନ୍ୟ ଦିନେ ସେମାନେ ଖାଲଖମା ରାସ୍ତାରେ ଯାତାୟାତ କରୁଛନ୍ତି। ଜରୁରୀ ସମୟରେ ଦମକଳ କିମ୍ବା ଆମ୍ବୁଲାନ୍ସ ଗାଁ ଭିତରକୁ ଆସିପାରୁ ନାହିଁ। ଗ୍ରାମର ରମେଶ ଚରାଇ, ସୁକାନ୍ତୀ ଚରାଇ, ଶିବ ଚିଷ୍ଟୁ, ଚାରି ମୁଣ୍ଡା, କୁନି ଚମ୍ପାଇ, ହୃଷୀ ସୁରୀ, ୱାର୍ଡସଭ୍ୟା ସୀତା ହେମ୍ବ୍ରମ ପ୍ରମୁଖ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଡିଓ ବନମାଳୀ ତରାଇ ଦକ୍ଷିଣବାଡ଼ ସରପଞ୍ଚ, ପିଇଓଙ୍କୁ ସିଏଫ୍‌ସି, ଏସଏଫ୍‌ସିରେ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୟୂରଭଞ୍ଜ

# ୨୪ରୁ ଏସ୍‌ଡିସି କପ୍-୨୦୨୦ ଫୁଟବଲ ଲିଗ୍

ବାରିପଦା ଅଫିସ, ୧୯।୨



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ଆସନ୍ତା ୨୪ରୁ ୨୮ ତାରିଖ ୫ ଦିନ ଧରି ବାରିପଦାଠାରେ ଏସ୍‌ଡିସି କପ୍-୨୦୨୦ ଆଦିବାସୀ ଫୁଟବଲ ଚାମ୍ପିୟନଶିପ୍ ଲିଗ ମ୍ୟାଚ୍ ଅନୁଷ୍ଠିତ ହେବ। ବୁଧବାର ଜିଲାପାଳ ବିନୀତ ଭରଦ୍ୱାଜ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପ୍ରାୟୋଜିତ ତଥା ଏସଡିସି(ସ୍ୱତନ୍ତ୍ର ଉନ୍ନୟନ ପରିଷଦ) ପକ୍ଷରୁ ଆୟୋଜିତ ହେଉଥିବା ଏହି ଫୁଟବଲ ମ୍ୟାଚ୍ (୧୭ରୁ ୩୫ ବର୍ଷ ) ପୁରୁଷ ଓ ମହିଳା ବର୍ଗରେ ମୟୂରଭଞ୍ଜ ବାରିପଦା, ସୁନ୍ଦରଗଡ, ନବରଙ୍ଗପୁର, ରାୟଗଡା ଓ ଗଜପତି ଜିଲାରୁ ଯୋଗ୍ୟ ବିବେଚିତ ଫୁଟ୍‌ବଲ୍ ଖେଳାଳିମାନଙ୍କୁ ନେଇ (୫ ପୁରୁଷ ଏବଂ ୫ ମହିଳା ଟିମ୍) ଲିଗ୍ ମ୍ୟାଚ ବାରିପଦା ରିଜର୍ଭ ପୋଲିସ ପଡିଆଠାରେ ୫ ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଦିନ ୨ଟି ପର୍ଯ୍ୟାୟରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏନେଇ ଜିଲାର ୫୩୦ ଯୁବତୀ ଯୁବକ ପଞ୍ଜୀକୃତ କରିଥିବା ବେଳେ ୪୦ ଜଣ ମ୍ୟାଚ୍ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେଥି ମଧ୍ୟରେ ୨୦ ଜଣ ପୁରୁଷ ଥିବା ବେଳେ ୨୦ ଜଣ ମହିଳା ରହିଛନ୍ତି। ଏହି ଲିଗ୍ ମ୍ୟାଚ୍‌ରେ ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ଆସନ୍ତା ମାର୍ଚ୍ଚ ୨ ତାରିଖରେ କେନ୍ଦୁଝର ଓ ସୁନ୍ଦରଗଡଠାରେ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲରେ ଭାଗ ନେବେ। ପରେ ମାର୍ଚ୍ଚ ୪ (ମହିଳା ) ଓ ମାର୍ଚ୍ଚ ୫ (ପୁରୁଷ) ଆଦିବାସୀ ଫୁଟବଲ୍ ରାଜ୍ୟସ୍ତରୀୟ ଫାଇନାଲ୍ ଚାମ୍ପିୟନଶିପ କଟକଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଆଇଟିଡିଏ ପିଏ ତଥା ଭାରପ୍ରାପ୍ତ ଉପଜିଲାପାଳ ବିଜୟ ଥମ୍ବ ଉପସ୍ଥିତ ଥିଲେ।

# ଭୋର ୫ଟାରେ ଉଠିବ ମହାଦୀପ

## ଜାଗର ପାଇଁ ଝିଙ୍କେଶ୍ୱର ପୀଠ ଚଳଚଞ୍ଚଳ

କପ୍ତିପଦା,୧୯।୨(ଡି.ଏନ.ଏ)

କପ୍ତିପଦା ବ୍ଲକ ଅଧୀନ ଝିଙ୍କପଦାସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଝିଙ୍କେଶ୍ୱର ଶୈବପୀଠ ଜାଗର ତଥା ମହାଶିବରାତ୍ରୀ ପାଇଁ ଚଳଞ୍ଚଳ ହୋଇ ପଡ଼ିଲାଣି। ଏହି ପୀଠରେ ପ୍ରତିବର୍ଷ ଶିବରାତ୍ରୀ ଓ ୧୫ ଦିନ ଧରି ଜାଗର ମେଳା ଧୂମଧାମରେ ପାଳନ ହୋଇଥାଏ । ଶୁକ୍ରବାର ମହାଶିବ ରାତ୍ରୀ । ସେଥିପାଇଁ ବାବାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଲାଣି। ଗୁରୁବାର ରାତି ୧ଟାରେ ଦିଅଁଙ୍କ ପହଡ଼ ଭଙ୍ଗା, ୧ଟା ୩୦ରେ ମଙ୍ଗଳ ଆଳତୀ, ୨ଟାରେ ନିତି ପୂଜା, ୨ଟା ୩୦ରୁ ଦଣ୍ଡବତମାନଙ୍କ ଦର୍ଶନ, ଭକ୍ତମାନଙ୍କର ସାଧାରଣ ପୂଜା ଭୋର ୩ଟାରୁ ସନ୍ଧ୍ୟା ୬ଟା, ସନ୍ଧ୍ୟା ଆଳତୀ ୭ଘଟିକା, ଭକ୍ତମାନଙ୍କ ପୂଜା ସନ୍ଧ୍ୟା ୭ଟାରୁ ରାତ୍ର ୨ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାଯାଇଛି । ରାତ୍ରି ୪ଟାରୁ ୫ଟା ପର୍ଯ୍ୟନ୍ତ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୫ଟାରେ ମହାଦୀପ ଉଠିବ । ଶନିବାର ଭୋର ୫ଟାରୁ ଦିବା ୧୦ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଝିଙ୍କେଶ୍ୱର ବାବାଙ୍କ ସୁନାବେଶ ଦର୍ଶନ ଲାଗି ରହିବ। କପ୍ତିପଦା ପୋଲିସ ପକ୍ଷରୁ ଅସ୍ଥାୟୀ ଫାଣ୍ଡି ସ୍ଥାପନ କରାଯାଇ ଶାନ୍ତିଶୃଙ୍ଖଳା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନାଧିକାରୀ ସଞ୍ଜୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ପୋଡ଼ି ହୋଇ ମହିଳା ମୃତ: ହତ୍ୟା ଅଭିଯୋଗ

ରାଇରଙ୍ଗପୁର,୧୯।୨(ଡ଼ି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ପାତ୍ରସାହି ବସ୍ତୀରେ ବୁଧବାର ପୋଡ଼ି ହୋଇ ଜଣେ ମହିଳା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୀମା ପାତ୍ର। ଶାଶୁ ଘର ପରିବାର ତାଙ୍କୁ କିରୋସିନ ଢାଳି ପୋଡ଼ି ମାରି ଦେଇଥିବା ସୀମାଙ୍କ ବାପ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୧୦୫ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

ବାଙ୍ଗିରିପୋଷି/କୁଆମରା,୧୯।୨(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ଓ ଜିବି ନଗର ବ୍ଲକରେ ବୁଧବାର ପ୍ରଥମ ଭାଷା ମାଟ୍ରିକ ପରୀକ୍ଷାରେ ୧୦୫ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡ଼ିଛି। ବାଙ୍ଗିରିପୋଷି ବ୍ଲକରେ ୮ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଏବଂ ଏକ୍ସ ରେଗୁଲାର ଛାତ୍ରୀଛାତ୍ରୀ ମିଶି ୧୫୭୯ ପରୀକ୍ଷାର୍ଥୀ ଦେବାର ଥିବା ବେଳେ ୧୫୧୫ ଜଣ ପରୀକ୍ଷା ଦେଇଥିଲେ। ୬୪ ଜଣ ଅନୁପସ୍ଥିତ ଥିଲେ। ସେହିପରି ଜିବି ନଗର ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୧୦୯୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪୧ ଜଣ ଅନୁପସ୍ଥିତ ଥିବା ଜଣା ପଡ଼ିଛି। ସେଥି ମଧ୍ୟରୁ କୁଆମରା ଉଚ୍ଚ ବିଦ୍ୟାଳୟର ୧୦, କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ୬, ପୁରୁଣା ବାରିପଦା ରିଜିଓନାଲ ଏକାଡେମୀର ୨, କୁଶଳଦା ଉଚ୍ଚ ବିଦ୍ୟାଳୟର ୫, ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ୩, ଖୁଣ୍ଟା ହାଇସ୍କୁଲର ୭ ଓ ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟର ୮ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଛନ୍ତି। ଖୁଣ୍ଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ନୋଡାଲ ଅଫିସର ଦାୟିତ୍ୱରେ ରହିଛନ୍ତି।



ବାଙ୍ଗିରିପୋଷି ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ଛାତ୍ରୀମାନେ ଆଡମିଟ କାର୍ଡ ପ୍ରଦର୍ଶନ କରୁଛନ୍ତି।

# ପିଆର୍‌ଏମ୍ ମେଡ଼ିକାଲରେ ଅବ୍ୟବସ୍ଥା ନେଇ ବିକ୍ଷୋଭ

■ଅଧୀକ୍ଷକଙ୍କୁ ଭିତରକୁ ଛାଡ଼ିଲେନି

■ମାର୍ଚ୍ଚ ୨୫ରେ ଭଞ୍ଜସେନା ପକ୍ଷରୁ ବାରିପଦା ବନ୍ଦ

ବାରିପଦା ଅଫିସ,୧୯।୨

ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସପିଟାଲ୍ (ପିଆରଏମ୍)ର ଅଧୀକ୍ଷକ ବୈକୁଣ୍ଠ ନାଥ ମହାପାତ୍ରଙ୍କ ବହିଷ୍କାର ଦାବିରେ ଭଞ୍ଜସେନା ପକ୍ଷରୁ ବୁଧବାର ମେଡ଼ିକାଲ ଆଗରେ ଧାରଣା ଦିଆଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରିକି ଅଧୀକ୍ଷକଙ୍କୁ ମେଡ଼ିକାଲ୍ ଭିତରକୁ ଭଞ୍ଜସେନାର କର୍ମକର୍ତ୍ତା ଛାଡ଼ି ନ ଥିଲେ। ଫଳରେ ବାଧ ହୋଇ ଅଧୀକ୍ଷକ ଫେରି ଯାଇଥିବା ଦେଖିବାକୁ ମିଳିଥିଲା।

ଉଲ୍ଲେଖଯୋଗ୍ୟ ଯେ, ମେଡ଼ିକାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଅନିୟମିତତା ବିରୋଧରେ ଗତ ୩ ତାରିଖରେ ଅଧୀକ୍ଷକଙ୍କ ବହିଷ୍କାର ଦାବିରେ ଭଞ୍ଜସେନା ପକ୍ଷରୁ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟସେବାରେ ୫-ଟି ଲାଗୁ ହୋଇଥିବା ବେଳେ ମେଡ଼ିକାଲର ଅଧୀକ୍ଷକ (ସୁପରିଣ୍ଟେଣ୍ଡେଣ୍ଟ) ଓ କର୍ମଚାରୀ ସମୂହ ଏହାକୁ ମାନୁ ନାହାନ୍ତି। ଠିକ୍ ଭାବେ ମେଡ଼ିକାଲରେ କାର୍ଯ୍ୟ ହେଉ ନ ଥିବା ଯୋଗୁଁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ଓ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁଛି। ସେହିଭଳି ମେଡିକାଲ୍‌ରେ ଯଦି କୌଣସି ଅବ୍ୟବସ୍ଥା ଦେଖା ଦିଏ ତାହେଲେ ଅଧୀକ୍ଷକ ଏହାର ସମାଧାନ କରୁ ନାହାନ୍ତି। ତେଣୁ ଅଧୀକ୍ଷକଙ୍କୁ ବହିଷ୍କାର ନେଇ ଭଞ୍ଜସେନା ଉଭୟ ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ନିଷ୍ପତ୍ତି ହୋଇ ନ ଥିବାରୁ ବୁଧବାର ସକାଳ ୯ଟାରେ ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ମେଡ଼ିକାଲ କଲେଜ ଓ ହସ୍ପିଟାଲ୍‌ର ମୁଖ୍ୟ ଦ୍ୱାରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଧୀକ୍ଷକ ଗୋ ବ୍ୟାକ୍ ଗୋ ବ୍ୟାକ୍ ନାରାବାଜି ଦେଇଥିଲେ। ୯ଟା ୩୦ ସମୟରେ ଅଧୀକ୍ଷକ ବିରଞ୍ଚି କୁମାର ମହାପାତ୍ର ହସ୍‌ପିଟାଲ ପରିସରକୁ ଯାଉଥିବା ବେଳେ ସେନାର କର୍ମକର୍ତ୍ତା ତାଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଆଗାମୀ ଦିନରେ ମଧ ଏହିଭଳି ବିକ୍ଷୋଭ କରାଯିବ ବୋଲି ସେନା ପକ୍ଷରୁ ସୂଚନା ଦିଆଯାଇଛି। ମୟୂରଭଞ୍ଜବାସୀ ଓ ଗରିବ ରୋଗୀମାନଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୨୫ ତାରିଖରେ ୧୨ ଘଣ୍ଟିଆ ବାରିପଦା ସହର ବନ୍ଦ କରାଯିବ ବୋଲି ସେନାର ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି। ଯୁବ ଛାତ୍ର ସଂଯୋଜନ ରାକେଶ ବେହେରା, ସମ୍ପାଦକ ରାକେଶ ମହାନ୍ତି, ଉପସଭାପତି ପ୍ରଶାନ୍ତ ମହାକୁଡ଼, ସାଧାରଣ ସମ୍ପାଦକ ମାନସ ବେହେରା, ସହର ଉପସଭାପତି ଏସ୍. କେ. ରାଜା ଖାନ, ଉପାଧ୍ୟକ୍ଷ ଲାଲ ବାହାଦୁର ମହାନ୍ତି, ଦୀପେଶ ଅଗ୍ରୱାଲ, ନିମାଇଁ ତ୍ରିପାଠୀ ପ୍ରମୁଖ ନେତୃମଣ୍ଡଳୀ ଓ କର୍ମୀମାନେ ବିକ୍ଷୋଭରେ ଉପସ୍ଥିତ ଥିଲେ।



ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ପରୀକ୍ଷାରୁ ବଞ୍ଚିତ ୨୫ ଛାତ୍ରୀଛାତ୍ର

**ବାରିପଦା ଅଫିସ/ ଚିତ୍ରଡ଼ା,୧୯।୨(ଡି.ଏନ୍.ଏ.)**

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲାର ୧୮୦ଟି କେନ୍ଦ୍ରରେ ୩୭୧୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫୪୩୫ ଜଣ ପ୍ରଥମ ଭାଷା ପରୀକ୍ଷା ଦେଇଥିଲେ। ୧୭୦୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। କିଛି ଛାତ୍ରୀଛାତ୍ରଙ୍କୁ ଛାଡ଼ି ଦେଲେ ସବୁଠି ଉପସ୍ଥାନ ଶତପ୍ରତିଶତ ରହିଥିବା ଜଣାପଡ଼ିଛି। ଅଧିକାଂଶ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ


ପରୀକ୍ଷା କେନ୍ଦ୍ର ସମ୍ମୁଖରେ ବସିରହିଥିବା ପରୀକ୍ଷାର୍ଥୀମାନେ।

ପରୀକ୍ଷା ହୋଇଥିବା ବେଳେ ଜିଲାର ମୋରଡ଼ା ବ୍ଲକ ଅଧୀନ ଦ୍ୱାରିକାନାଥ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ଉକ୍ତ କେନ୍ଦ୍ରରେ ୨୩୮ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୨୫ ଜଣ ପରୀକ୍ଷା ଦେଇ ପାରି ନ ଥିଲେ। ଇଂରାଜୀ ବଦଳରେ ପ୍ୟାକେଟରୁ ଓଡ଼ିଆ ପ୍ରଶ୍ନପତ୍ର ବାହାରିବାରୁ ସେମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ରେଗୁଲାର ଓ ଏକ୍ସରେଗୁଲାର ପିଲାମାନଙ୍କ ବୁଧବାର ଓଡ଼ିଆ ପରୀକ୍ଷା ଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପିଲାମାନଙ୍କର ଇଂରାଜୀ ବିଷୟ ପରୀକ୍ଷା ଥିଲା। ଅପରାହ୍ନ ୧ଟା ୩୦ରେ ଏମାନଙ୍କ ପରୀକ୍ଷା ଆରମ୍ଭ ହୋଇଥିଲା। ଗୋଟିଏ ଶ୍ରେଣୀରେ ବସିଥିବା ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ପ୍ୟାକେଟ ଖୋଲିବାରୁ ଇଂରାଜୀ ବଦଳରେ ଓଡ଼ିଆ ପ୍ରଶ୍ନପତ୍ର ବାହାରିଥିଲା। ଫଳରେ ୨୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ପରେ କେନ୍ଦ୍ର ବାହାରକୁ ଆସି ଫାଟକ ସମ୍ମୁଖରେ ବସି ବୋର୍ଡ଼ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ସେମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ପ୍ରକାଶ କରିଥିଲେ। ଏ ନେଇ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ଅଧୀକ୍ଷକ ତଥା ପ୍ରଧାନ ଶିକ୍ଷକ ମୁରଲୀଧର ବାରିକଙ୍କୁ ପଚାରିବାରୁ ପ୍ରଶ୍ନପତ୍ର ବୋର୍ଡରୁ ସେହିଭଳି ଆସିଥିଲା, ଆମେ କ'ଣ କରିପାରିବୁ ବୋଲି କହିଛନ୍ତି। ଦେଖାଯାଉ ଏହି ଗୁରୁତର ତ୍ରୁଟିକୁ ଗଣଶିକ୍ଷା ବିଭାଗ କିପରି ସୁଧାରୁଛି।

## ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି

**ବାସୁଦେବପୁର,୧୯।୨(ଡି.ଏନ.ଏ.)–** ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ଔଷଧ ଦୋକାନ ରୁକ୍ମଣୀ ମେଡିକାଲ ଷ୍ଟୋରରୁ ବୁଧବାର ଭୋର ସମୟରେ ଚୋରି ହୋଇଛି। ଚୋରମାନେ ଦୋକାନ ଆଜ୍‌ବେଷ୍ଟସ୍ କାଟି ଗୃହରେ ପଶି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଯାଇଛନ୍ତି। ଦୋକାନ ମାଲିକ କିଶୋର କୁମାର ସକାଳେ ଦୋକାନରୁ ଚୋରି ହୋଇଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ବାସୁଦେବପୁର ଥାନା ଆଇଆଇସି ମଧୁମିତା ମହାନ୍ତି ଘଟଣାର ତଦନ୍ତ କରିବା ସହିତ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।




## ଅଣନିଯୁକ୍ତି ଫାର୍ମାସିଷ୍ଟ ସଂଘର ଧାରଣା


ସିଡିଏମ୍‌ଓଙ୍କ ଅଫିସ୍ ଆଗରେ ଧାରଣା ଦିଆଯାଇଛି।

**ବାଲେଶ୍ୱର ଅଫିସ,୧୯।୨**

ବେକାରୀ ଫାର୍ମାସିଷ୍ଟମାନଙ୍କୁ ଉପେକ୍ଷା କରାଯାଇଥିବା ପ୍ରତିବାଦରେ ବୁଧବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଣନିଯୁକ୍ତି ଫାର୍ମାସିଷ୍ଟ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି (ନଂ. ୪୩୧୧) ଅନୁଯାୟୀ ଗତ ୧୨ ତାରିଖରେ ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଥିବା ଫାର୍ମାସିଷ୍ଟ ଏବଂ ଷ୍ଟାଫନର୍ସ ପାଇଁ ଅବସର ନେଇଥିବା କର୍ମଚାରୀମାନଙ୍କୁ ୬ମାସ ପାଇଁ ପୁନଃ ନିଯୁକ୍ତି ଦେବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିକୁ ନେଇ ଫାର୍ମାସିଷ୍ଟ ପାସ୍ କରି ସରକାରୀ ଚାକିରି ନ ପାଇ ଅପେକ୍ଷା କରିଥିବା ଅଣନିଯୁକ୍ତି ଫାର୍ମାସିଷ୍ଟ ସଂଘ ଏହାକୁ ପ୍ରତିବାଦ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ଏବଂ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଅବଗତ କରାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ବୁଧବାର ପୂର୍ବାହ୍ନଠାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିବା ଜଣାପଡ଼ିଛି। ଅବସର ପରେ ଫାର୍ମାସିଷ୍ଟମାନଙ୍କୁ ପୁନଃ ନିଯୁକ୍ତି ଦେଇ ଫାର୍ମାସିଷ୍ଟ ପାସ୍ କରି ଚାକିରି ନ ପାଇ ବେକାର ଥିବା ଛାତ୍ରୀଛାତ୍ରମାନଙ୍କୁ ଉପେକ୍ଷା କରାଯାଇଥିବା ଦେବାଶିଷ ଗିରି, ଅଶ୍ୱିନୀ କୁମାର ମିଶ୍ର, ସରୋଜ କୁମାର ପାଣିଗ୍ରାହୀ, ଉତ୍ତମ ମହାନ୍ତି, ଅମିରୁଦ୍ଦିନ ଖାନ, ପ୍ରବୀଣ କୁମାର ରାଉଳ, ସାଗର ନାୟକ, ଶ୍ରବଣ ଦାସ, ସୌରଭ ପରମାଣିକ, ସିଦ୍ଧେଶ୍ୱର ସାହୁ, ଅଜିତ କୁମାର ବେହେରା, ପ୍ରୀତମ ସାହୁ, ୱାସିକ କାଦ୍ରି, ବିହାରୀ ସ୍ମିଥ କୁମାର ପ୍ରମୁଖ ଅଭିଯୋଗ କରିଛନ୍ତି।

## ଟ୍ରଲରରୁ ୩୫୦ ଲିଟର ଡିଜେଲ ଚୋରି

**ରୂପ୍‌ସା,୧୯।୨(ଡି.ଏନ.ଏ.)–**ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସୋଲପଟା–ସାର୍ଥା ରାସ୍ତାର ପଞ୍ଚୁପଡ଼ା ନଦୀଘାଟଠାରେ ଏକ ଟ୍ରଲରରୁ ୩୫୦ଲିଟର ଡିଜେଲ ଚୋରି ହୋଇଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବୁଧବାର ଥାନାରେ ଏକ ମାମଲା (ନଂ. ୪୨/୨୦) ରୁଜୁ କରି ଏସ୍‌ଆଇ ପ୍ରଶାନ୍ତ କୁମାର ପାଣି ତଦନ୍ତ ଜାରି ରଖିଛନ୍ତି।

ସଦର ଥାନା ପାରିକୂଳ ଗ୍ରାମର ପ୍ରଭାସ କୁମାର ମହାପାତ୍ରଙ୍କ ଟ୍ରଲରଟି ସମୁଦ୍ରକୁ ଯିବା ପାଇଁ ଗତ ୬ ତାରିଖ ରାତିରେ ପଞ୍ଚୁପଡ଼ା ନଦୀ ଘାଟଠାରେ ପ୍ରସ୍ତୁତ ହୋଇରହିଥିଲା। ରାତିରେ ଦୁର୍ବୃତ୍ତମାନେ ଟ୍ରଲରରେ ଥିବା ୩୫୦ଲିଟର ଡିଜେଲ ଚୋରି କରି ଚମ୍ପଟ ମାରିଥିଲେ। ଟ୍ରଲର ମାଲିକ, କର୍ମଚାରୀ ଚୋରି ଡିଜେଲ ସମ୍ପର୍କରେ ଦୀର୍ଘଦିନ ଧରି ଖୋଜଖବର ନେବାରେ ବିଫଳ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।




## ମହିଳାଙ୍କୁ ପିଟି ହତ୍ୟା: ୩ ଅଟକ

**କପ୍ତିପଦା,୧୯।୨(ଡ଼ି.ଏନ୍.ଏ.)–**ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ରୁଗୁଡି ଗ୍ରାମର ଜଣେ ଯୁବକ ତାଙ୍କ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଥିବା ଶରତ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଜିରୋ ସଏ (୨୦)। ମୃତକଙ୍କ ମାଆ ଗୁରୁବାରୀ ସିଂଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୯/୨୦) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ପଠାଯାଇଛି। ଏହି ଘଟଣାରେ ଶାଶୁ କୁନି ସଏ, ଶ୍ୱଶୁର ବିଜୟ ସଏ ଓ ସଉତୁଣୀ ଜାନୀ ସଏଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଗୁରା ସଏ ଫେରାର ଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଗୁରା ବିବାହ କରିଥିବା ସତ୍ତ୍ୱେ ଗତ ୨ ବର୍ଷ ତଳେ ଦେୱାନବାହାଲୀ ଗ୍ରାମର ମୃତ ଜିରୋଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରେ ଅଧିକାଂଶ ସମୟରେ ସେମାନଙ୍କ ମଧ୍ୟରେ ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ଝଗଡ଼ା ଲାଗି ରହୁଥିଲା। ଗତ ରବିବାର ରାତିରେ ଉଭୟଙ୍କ ମଧ୍ୟରେ କଳହ ଚରମ ସୀମାରେ ପହଞ୍ଚିଥିଲା। ରବିବାର ରାତିର ଘଟଣାକୁ ନେଇ ଗୁରା ସୋମବାର ଜିରୋଙ୍କୁ ନିସ୍ତୁକ ପିଟି ଥିଲେ। ଜିରୋ ଗୁରୁତର ହେବା ସତ୍ତ୍ୱେ ସେ ତାଙ୍କୁ ଡାକ୍ତରଖାନା ନ ନେଇ ଘରେ ରଖିଥିଲେ। ପରେ ମରି ଯାଇଥିବା ଜାଣି ମୃତଦେହ ଲୁଚାଇ ରଖିଥିଲେ। ଜିରୋଙ୍କ ବାପ ଘର ଲୋକେ ଖବର ପାଇ ଶରତ ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଥିଲା।

## ୨୦୦ରୁ ଊର୍ଦ୍ଧ୍ୱ ବସ୍ତା ଚୋରା କୋଇଲା ଜବତ: ୪ ଗିରଫ


ଜବତ ୨ ପିକ୍‌ଅପ୍।

**ଭଦ୍ରକ ଅଫିସ/ଚାନ୍ଦବାଲି, ୧୯।୨(ଡି.ଏନ.ଏ.)**

ଭଦ୍ରକ ଜିଲାରେ ବଢ଼ି ଚାଲିଛି କୋଇଲା ଚୋରା ଚାଲାଣ। ଚୋରି ରୋକିବାକୁ ପୋଲିସ ନାକେଦମ୍ ହେଲାଣି। ପୋଲିସକୁ ଚକ୍‌ମା ଦେଇ ଦୈନିକ ଚାଲିଛି ଏହି ବ୍ୟବସାୟ। କୋଇଲା ଚୋରି ରୋକିବା ପାଇଁ ଖୁବ୍‌ଶୀଘ୍ର ଧାମରା ବନ୍ଦର ରେଳପଥର ଦାୟିତ୍ୱ ନେଇଥିବା ଆର୍‌ପିଏଫ୍ ଟିମ୍ କାର୍ଯ୍ୟଭାର ନେବାକୁ ଯାଉଥିବା ସୂଚନା ମିଳିଛି। ଭଦ୍ରକ–ଧାମରା ରେଳପଥରେ କୋଇଲା ଚୋରି ରୋକିବା ଲାଗି ମଙ୍ଗଳବାର ରାତିରୁ ଆର୍‌ପିଏଫ୍ ଇନ୍ସପେକ୍ଟର ଶ୍ରୀନିବାସ ପଟ୍ଟନାୟକ ତାଙ୍କର ୧୫ ଜଣିଆ ଟିମ୍ ଧରି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ବୁଧବାର ଭୋରରେ ଏକ ବିଶେଷ ସୂତ୍ରରୁ ଖବର ପାଇ ସେ ଭଦ୍ରକ–ଧାମରା ରେଳପଥର ତିହିଡ଼ି ବ୍ଲକ ଅନ୍ତର୍ଗତ ଛତ୍ରପଦା ଗ୍ରାମ ନିକଟରେ ଚଢ଼ାଉ କରି ଚୋରା କୋଇଲା ବୋଝେଇ ୨ଟି ପିକ୍‌ଅପ୍ ଗାଡ଼ି ଓ ୩ଟି ସାଇକେଲ ଜବତ କରିଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ବସ୍ତା କୋଇଲା ଜବତ ହୋଇଥିବାବେଳେ ୪ ଜଣଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ଦୁଇ ପିକ୍‌ଅପ୍ ମଧ୍ୟରୁ ଗୋଟିଏ ସ୍ଥାନୀୟ ଛତ୍ରପଦା ଗ୍ରାମର ହୋଇଥିବାବେଳେ ଅନ୍ୟଟି ନମ୍ବର ବିହୀନ। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ ହଳଦିଆ ଗ୍ରାମର ୨ ଜଣ ଓ ଛତ୍ରପଦା ଗ୍ରାମର ଜଣେ ହୋଇଥିବା ଇନ୍ସପେକ୍ଟର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି କୋଇଲା ଚୋରିରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ମଧ୍ୟ ସେ ପ୍ରକାଶ କରିଛନ୍ତି। ଜବତ ଦୁଇ ପିକ୍‌ଅପ୍ ଓ ଗିରଫ ୪ ଜଣଙ୍କୁ ଭଦ୍ରକ ରେଲୱେ ଥାନାକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ବିଧାୟକ ପ୍ରତିନିଧିଙ୍କ ଭାଇଙ୍କୁ ଅପହରଣ ଘଟଣା: ୪ ଗିରଫ

**ବାସୁଦେବପୁର,୧୯।୨(ଡି.ଏନ.ଏ.)–** ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ପ୍ରତିନିଧି ଅସିତ୍ ଦାସଙ୍କ ବଡ଼ଭାଇ ଅଶୋକଙ୍କୁ ଅପହରଣ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ସୋର କାଣ୍ଡଗରଡ଼ି ଗ୍ରାମର ରଞ୍ଜନ ନାୟକ, ପ୍ରମୋଦ କୁମାର ନାୟକ, ରାଇପୁରର ଟିଙ୍କୁ ସିଂ ଓ ଖନ୍ତାପଡ଼ାର କରୁଣାକର ପଣ୍ଡା। ଗିରଫ ୪ଜଣଙ୍କୁ ବାସୁଦେବପୁର ପୋଲିସ କୋର୍ଟ ଚାଲାଣ କରିଛି।

## ଓଲଟିଲା ତୀର୍ଥଯାତ୍ରୀ ବସ୍: ୨ ଗୁରୁତର


ଓଲଟି ପଡ଼ିଥିବା ବସ୍।

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ,୧୯।୨(ଡି.ଏନ.ଏ.)–** ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ସକାଳେ ଏକ ତୀର୍ଥଯାତ୍ରୀ ବସ୍ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଛନ୍ତି। ଭଣ୍ଡାରିପୋଖରୀ ଥାନା ନେଉଳିଆ ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁସାରେ, ବସ୍‌ଟି ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରାସ୍ତା କାମ ଚାଲିଥିବାରୁ କଡ଼ରେ ଥିବା ବାଲି ଗଦା ଉପରେ ବସ୍‌ଟି ଓଲଟି ପଡ଼ିଥିଲା। ଗାଡ଼ିରେ ମୋଟ ୪୫ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ଦୁର୍ଘଟଣାରେ ଗୁରୁତର ଦୁଇ ଯାତ୍ରୀଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।




| ମଡେଲ | ଅପ୍‌ଗ୍ରେଡ୍ ଲାଭ*(₹) | ଏକ୍ସଚେଞ୍ଜ ଲାଭ*(₹) | କର୍ପୋରେଟ ଲାଭ*(₹ ପର୍ଯ୍ୟନ୍ତ) | ସର୍ବମୋଟ ଲାଭ*(₹ ପର୍ଯ୍ୟନ୍ତ) |
|---|---|---|---|---|
| M8 | 1 39 000.00 | 25 000.00 | 7 000.00 | 1 71 000.00 |
| M6 | 77 000.00 | 25 000.00 | 7 000.00 | 1 09 000.00 |
| M4 | 36 000.00 | 15 000.00 | 7 000.00 | 58 000.00 |

BASANTI AUTO AGENCY: BALASORE, BHADRAK, BARIPADA, JALESWAR, KARANJIA, RAIRANGPUR: 7574808558
UTKAL AUTOMOBILES: BARBIL, KEONJHAR: 8929207515



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୧୯।୨(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଲାଇଫ୍ ଲାଇନ ଜାତୀୟ ରାଜପଥ ୨୦ ନଂ ଉପରେ ଅଜଣା ଟ୍ରକ ଧକ୍କାରେ ଗତ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲଙ୍ଗଳକଣ୍ଟି ଗ୍ରାମର ସୁଦିପ୍ତ କୁମାର ସିଂହ। ସେ କେନ୍ଦୁଝର ଟାଉନ୍‌ରୁ ନିଜର କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ନେକେଡ଼ା ଘର ଓ ବଡ଼ପଶି ମଧରେ ତାଙ୍କୁ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଟ୍ରକ ତାଙ୍କ ଗୋଡ଼ ଉପରେ ମାଡ଼ି ଯାଇଥିଲା। ବହୁ ବିଳମ୍ବରେ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ନିଆଯାଉଥିଲା। କିନ୍ତୁ ଘସିପୁରା ନିକଟରେ ସୁଦିପ୍ତଙ୍କର ମୃତ୍ୟୁ ଘଟିଥିଲା। ଏନେଇ କେନ୍ଦୁଝର ସଦର ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକର କୌଣସି ଖୋଜ ଖବର ମିଳିପାରି ନାହିଁ।

### ୫ ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା ଲାଗୁ

ଆନନ୍ଦପୁର,୧୯।୨(ସ୍ୱ.ପ୍ର.)- ଆନନ୍ଦପୁର ଉପଖଣ୍ଡର ୫ଗୋଟି ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା ଲାଗୁ କରାଯାଇଛି। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଭାବେ ପରିଗଣିତ ଏହି କେନ୍ଦ୍ର ଗୁଡ଼ିକରେ ପରୀକ୍ଷା ସୁପରିଚାଳନା ପାଇଁ ୧୪୪ ଧାରା ଲାଗୁ କରାଯାଇଥିବା ସୂଚନା ମିଳିଛି। ଆନନ୍ଦପୁର ବ୍ଲକର କୁଣ୍ଡୁଳାଇ ଉଚ୍ଚ ବିଦ୍ୟାଳୟ, ବେଲବାହାଳି, ଘସିପୁରାର ବ୍ଲକ ଅଧୀନ ବଳରାମଧିର ଉଚ୍ଚ ବିଦ୍ୟାଳୟ ପୁରୁଣାବାନ୍ଧଗୋଡ଼ା, କଲ୍ୟାଣୀ ବିଦ୍ୟାପୀଠ ଗଡ଼ବାନ୍ଧଗୋଡ଼ା, ଧନେଇ ବିଦ୍ୟାପୀଠ ଖାଲିଆମେଣ୍ଟା ଓ ହାଟଡିହୀ ବ୍ଲକର ଜପିଦାସ ଉଚ୍ଚ ବିଦ୍ୟାପୀଠ ବଡ଼ରମ୍ପାସ ପରୀକ୍ଷା କେନ୍ଦ୍ରରେ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ରର ଦୁଇଶହ ମିଟର ଅଞ୍ଚଳକୁ ନିଷିଦ୍ଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି।

### ୨ ନକଲି ଲାଇସେନ୍ସଧାରୀ ଗିରଫ

ପାଟଣା/ବଡ଼ବିଲ, ୧୯।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖରୀ ପଞ୍ଚାୟତ ମଲ୍ଲୀପଶି ହାଟ ଛକରେ ଥିବା ଏକ ଷ୍ଟୁଡିଓରେ ନକଲି ଡ୍ରାଇଭିଙ୍ଗ ଲାଇସେନ୍ସ ତିଆରି ଅଭିଯୋଗରେ ବଡ଼ବିଲ ଥାନା ପୋଲିସ ମଙ୍ଗଳବାର ରାତିରେ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମଲ୍ଲୀପଶି ଗ୍ରାମର ସୁଶାନ୍ତ କୁମାର ବେଜ ଓରଫ ଲୁଲୁ ଓ ସୁନ୍ଦରଗଡ଼ ଜିଲା କୋଇଡା ଥାନା ଗୋପପୁର ସାହିର ଗୁରଦେ ଗୁପ୍ତା। ସୁଶାନ୍ତଙ୍କ ପାଖରୁ ନକଲି ଲାଇସେନ୍ସ ତିଆରି ପାଇଁ ବ୍ୟବହୃତ କମ୍ପ୍ୟୁଟର, ପ୍ରିଣ୍ଟର, ଫଟୋ ପେପର, ଗୋଟିଏ ମୋବାଇଲ ଓ ଏଥିରେ ବ୍ୟବହୃତ ସାମଗ୍ରୀ ମଧ ପୋଲିସ ଜବତ କରିଛି। ପୂର୍ବରୁ ସେ ଯୋଡ଼ା ଅଞ୍ଚଳର ଗାଡିଚାଳକଙ୍କୁ ବହୁ ନକଲି ଡ୍ରାଇଭିଙ୍ଗ ଲାଇସେନ୍ସ ଯୋଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ପ୍ରାଥମିକ ତଦନ୍ତରେ ୭ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜାଲ ଡ୍ରାଇଭିଙ୍ଗ ଲାଇସେନ୍ସ ସେ ଯୋଗାଇ ଦେଇଥିବା ପୋଲିସ ଜାଣିବାକୁ ପାଇଛି। ଏହି ନକଲି ଲାଇସେନ୍ସ ପିଛା ୧୫୦୦ରୁ ୨ହଜାର ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି। ବଡ଼ବିଲ ଅଞ୍ଚଳରେ ଗାଡି ଯାଞ୍ଚ ସମୟରେ ଜଣେ ଚାଳକଙ୍କ ଠାରୁ ନକଲି ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିବା ପରେ ପୋଲିସ ସନ୍ଦେହ କରି ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବାରୁ ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ପାଇଥିଲା। ଏନେଇ ବଡ଼ବିଲ ପୋଲିସ ଏକ ମାମଲା (ନଂ.୨୨/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଘସିପୁରା ବସଷ୍ଟାଣ୍ଡକୁ ଆସୁନି ରାତ୍ରିକାଳୀନ ବସ୍

■ ନିଛାଟିଆ ରାସ୍ତାରେ ଯାତ୍ରୀ ହଇରାଣ

■ ମହିଳା ଯାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି

ଘସିପୁରା,୧୯।୨(ଡି.ଏନ.ଏ.)

ଆନନ୍ଦପୁରର ଲାଇଫଲାଇନ ଭାବେ ପରିଚିତ ଓ ଏକ ନମ୍ବର ଘସିପୁରା ବସଷ୍ଟାଣ୍ଡ। ରାଜ୍ୟର କୋଣ ଅନୁକୋଣକୁ ଯିବା ପାଇଁ ସମଗ୍ର ଆନନ୍ଦପୁର ଉପଖଣ୍ଡର ଯାତ୍ରୀ ମାନେ ମୁଖ୍ୟତଃ ଏହି ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ଦୈନିକ ହଜାର ହଜାର ଯାତ୍ରୀ ଏହି ବସଷ୍ଟାଣ୍ଡ ଦେଇ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି। କିନ୍ତୁ କେତେକ ଘରୋଇ ବସ୍‌ର ମନମୁଖୀ କାର୍ଯ୍ୟ ପାଇଁ ଏହି ବସଷ୍ଟାଣ୍ଡ ଉପରେ ନିର୍ଭରଶୀଳ ଯାତ୍ରୀ ଏବେ ହଇରାଣ ହେଉଛନ୍ତି। ବସ ଗୁଡ଼ିକର ରୁଟ ଅନୁମତି ଏହି ବସଷ୍ଟାଣ୍ଡ ଦେଇ ଯିବା ପାଇଁ ଧାର୍ଯ୍ୟ ହୋଇଥିଲେ ମଧ ନିୟମ ଉଲ୍ଲଂଘନ କରି ରାତ୍ରିକାଳୀନ ବସ ଗୁଡ଼ିକ ଏହି ବସଷ୍ଟାଣ୍ଡକୁ ନ ଆସି ବାଇପାସ ଦେଇ ଯାଉଛନ୍ତି। ଫଳରେ ଦୈନିକ ଶହଶହ ଯାତ୍ରୀ ରାତି ଅଧିଆ ସମସ୍ୟା ଭୋଗୁଛନ୍ତି। ଏଥିପାଇ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଖୁବଶୀଘ୍ର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ଏହାର ପ୍ରତିବାଦ କରିବାକୁ ସଜବାଜ ହେଉଛନ୍ତି।

ମିଳିଥିବା ସୂଚନାନୁଯାୟୀ, ୧ନମ୍ବର ଘସିପୁରା ବସଷ୍ଟାଣ୍ଡରୁ ଦୈନିକ ପ୍ରାୟ ୬୦ଟି ଘରୋଇ ବସ ରାଜ୍ୟର କୋଣ ଅନୁକୋଣକୁ ଯାତାୟତ କରିଥାଏ। ସେଥିମଧ୍ୟରୁ ମୁଖ୍ୟତଃ କଟକ, ଭୁବନେଶ୍ୱର, ରାଉରକେଲା, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝରକୁ ଏହିସବୁ ବସ ସିଧାସଳଖ ଯାତାୟାତ କରୁଛନ୍ତି। ଏହି ବସ ଗୁଡ଼ିକ ମଧ୍ୟରୁ ପ୍ରାୟ ୧୦ରୁ ଅଧିକ ବସ ରାତ୍ରିକାଳିନ ଅର୍ଥାତ ରାତି ପ୍ରାୟ ୧୦ଟା ରୁ ଭୋର ୪ଟା ମଧରେ ଯାତାୟାତ କରନ୍ତି। ଏହି ବସଗୁଡ଼ିକ ରୁଟ ଅନୁମତି ଅନୁଯାୟୀ ୧ନଂ ଘସିପୁରା ବସଷ୍ଟାଣ୍ଡ ଦେଇ ଯାତାୟତ ପାଇଁ ନିୟମ ରହିଛି। କିନ୍ତୁ ଦୁଇ ତିନୋଟି ଘରୋଇ ବସକୁ ଛାଡ଼ି ଦେଲେ ପ୍ରାୟ ଅଧିକାଂଶ ରାତ୍ରିକାଳୀନ ବସ ଘସିପୁରା ବସଷ୍ଟାଣ୍ଡ ଦେଇ ଯାଉନାହାନ୍ତି। ୨୦ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ହେବା ପରଠାରୁ ଉକ୍ତ ବସ ଗୁଡ଼ିକ ବସଷ୍ଟାଣ୍ଡକୁ ନ ଆସି ବାଇପାସ ଦେଇ ଯାତାୟତ କରୁଛନ୍ତି। ଫଳରେ ଦୈନିକ ରାତି ସମୟରେ ଯାତ୍ର କରୁଥିବା ଶତାଧିକ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ ଆଦି ଜିଲାରୁ ଆସୁଥିବା ଯାତ୍ରୀ ମାନଙ୍କୁ ଘସିପୁରା ବସଷ୍ଟାଣ୍ଡକୁ ନ ଆଣି ଉକ୍ତ ବସ ଗୁଡ଼ିକ ନିଛାଟିଆ ଅନ୍ଧାର କିଟିମିଟି ଜାତୀୟ ରାଜପଥର ଶାଳପଡ଼ା ଗ୍ୟାରେଜ ଛକ, ନୁଆଗଡ଼ିଆ ଓଭରବ୍ରିଜ, ଶୈଳଙ୍ଗ ଓଭର ବ୍ରିଜ, ବିଜି ମୋଟର ଛକ ଆଦି ବିଭିନ୍ନ ସ୍ଥାନରେ ଓହ୍ଲାଇ ଦେଉଛନ୍ତି। ସେହି ସ୍ଥାନରୁ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବିଳମ୍ବିତ ରାତିରେ ଯାତ୍ରୀ ମାନେ ହଟହଟା ହେଉଛନ୍ତି। ବିଶେଷକରି ମହିଳା ଯାତ୍ରୀ ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। କେତେକ ଘରୋଇ ବସ ଦୀର୍ଘଦିନ ହେବ ଏଭଳି ମନମୁଖୀ କାର୍ଯ୍ୟ ଚଳାଇଥିଲେ ମଧ ବସ ମାଲିକ ସଂଘ ଏହାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରୁ ନ ଥିବା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗଷ୍ଟାର କ୍ଲବ ସଂପାଦକ ମନୋରଞ୍ଜନ ସାହୁ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏସମ୍ପର୍କରେ ଆମେ ଆନନ୍ଦପୁର ବସ ମାଲିକ ସଂଘ ସଭାପତି ନିର୍ମଳ ମିଶ୍ରଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



୧ ନମ୍ବର ଘସିପୁରା ବସଷ୍ଟାଣ୍ଡ।



ତରମାକାନ୍ତ ଜଙ୍ଗଲରେ ମୃତ ହାତୀଛୁଆ।

# ହାତୀଛୁଆ ମୃତଦେହ ଉଦ୍ଧାର

କେନ୍ଦୁଝର, ୧୯।୨(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜର ତରମାକାନ୍ତ ନିକଟ ଜଙ୍ଗଲରୁ ଏକ ଛୁଆ ହାତୀର ମୃତଦେହ ଠାବ ହୋଇଛି। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ପଶୁ ଚିକିତ୍ସକଙ୍କ ସହିତ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ମୃତ୍ୟୁବରଣ କରିଥିବା ହାତୀର ବୟସ ୪ରୁ ୫ ବର୍ଷ ହେବ ବୋଲି କୁହାଯାଉଛି। ସୁନ୍ଦରଗଡ଼ ଜିଲା ସୀମାରେ ହାତୀଟି ମୃତ୍ୟୁବରଣ କରିଥିବାବେଳେ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବନ ବିଭାଗ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ଘଟିଥିଲା। ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ମୁକ୍ତିକାନ୍ତ ପରିଡ଼ା କହିଛନ୍ତି । ତେବେ ଉକ୍ତ ଅଞ୍ଚଳରେ କିଛି ଦିନ ହେଲା ୩/୪ ଟି ହାତୀ ବୁଲୁଥିବାବେଳେ ପାଲଲହଡ଼ା ଜଙ୍ଗଲକୁ ଚାଲିଯାଇଥିଲେ। ଏହି ହାତୀଟି କେଉଁଠୁ ଆସିଲା ତାହା ଯାଞ୍ଚ ପରେ ଜଣାପଡ଼ିବ। ଚଳିତ ବର୍ଷରେ ଏହା ପ୍ରଥମ ହାତୀ ମୃତ୍ୟୁ ଘଟଣା ବୋଲି କୁହାଯାଉଛି।

# ଶୌଚାଳୟ ଅଛି, ପାଣି ନାହିଁ

## ଲୋକେ ହଇରାଣ

ଯୋଡ଼ା, ୧୯।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ୧୩ ନଂ ୱାର୍ଡରେ ଥିବା ଗୋଷ୍ଠୀ ଶୌଚାଳୟରେ ପାଣି ନ ଥିବାରୁ ୱାର୍ଡବାସୀ ଶୌଚାଳୟ ବ୍ୟବହାରରୁ ବଞ୍ଚିତ ହେଉଛନ୍ତି। ଶୌଚାଳୟ ପରିବର୍ତ୍ତେ ଖୋଲାରେ ଶୌଚ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ମହିଳା ସିତୀନି ପାତ୍ର, ମିନୁ ସୁତାରୀ ଓ ସୁତମାସୀ ସୁତାରୀ ଅଭିଯୋଗ କରି କହିଛନ୍ତି ଯେ, ଶୌଚାଳୟ ୨୦୧୮ ମସିହାରେ ଜାକଜକମର ସହିତ ଉଦ୍‌ଘାଟନ ହୋଇଥିଲା। ହେଲେ ରକ୍ଷଣାବେକ୍ଷଣର ଅବହେଳା ଓ ପୌରପାଳିକାର ଅଣଦେଖା ହେତୁ ଶୌଚାଳୟଟି ପାଣି ବିନା ବ୍ୟବହାର ଅନୁପଯୋଗୀ ହୋଇ ପଡିରହିଛି । ପାଣି ନ ଥିବାରୁ ବାହାରକୁ ଶୌଚ ପାଇଁ ଯିବାକୁ ପଡୁଛି । ସେମାନେ ଆହୁରି ମଧ କହିଥିଲେ ଯେ, ଜାକଜମକରେ ଉଦ୍‌ଘାଟନ ହୋଇଥିଲେ ମଧ ପାଣି ବିନା ଏହା ଥରୁଟିଏ ବ୍ୟବହାର ହୋଇନାହିଁ । ଏନେଇ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କୁ ପଚାରିବାରୁ ଅଞ୍ଚଳବାସୀ ବିଦ୍ୟୁତବିଲ୍ ପୈଠ କରି ନ ଥିବାରୁ ସେଠାରେ ବିଦ୍ୟୁତକାଟ୍ ହୋଇଛି । ତେବେ ଗୋଷ୍ଠୀ ଶୌଚାଳୟକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଧାସଳଖ ଜଳ ଯୋଗାଣ କରାଯାଇ ଅବିଳମ୍ବେ ଏହାକୁ କାର୍ଯ୍ୟକାରୀ କରାଯିବ ।



ଅଚଳାବସ୍ଥାରେ ଶୌଚାଳୟ।

# ମୂଲ୍ୟବାନ ଚୋରା କାଠ ସହ ୩ ଜିପ୍ ଜବତ

କେନ୍ଦୁଝର, ୧୯।୨(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ବନ ବିଭାଗ ମଙ୍ଗଳବାର ରାତିରେ ଚଢାଉ କରି ଚୋରାରେ ଚାଲାଣ ହେଉଥିବା ତିନୋଟି କାଠ ବୋଝେଇ ଜିପ ଜବତ କରିଛି। ଏସିଏଫ ଘନଶ୍ୟାମ ମହାନ୍ତଙ୍କ ନେତୃତ୍ୱରେ ସଦର ରେଞ୍ଜ ବନ କର୍ମଚାରୀ ସହାୟତାରେ ଏହି କାଠଗାଡି ଧରାପଡିଥିଲା। ତେବେ କାଠ ମାଫିଆ ମାନେ ଗାଡି ଛାଡି ଫେରାର ହୋଇଯାଇଥିବାରୁ କେହି ଗିରଫ ହୋଇ ନ ଥିବା ଜଣାପଡିଛି । ତିନୋଟି ଜିପରୁ ପାଖପାଖି ୧୦୦ ସିଫ୍ଟ ପରିମାଣ ବଡସାଇଜ କାଠ ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ପାଖାପାଖି ୩ ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି । ଗୋଟିଏ ଜିପକୁ ଜୁଡିଆ ଘାଟି ନିକଟରେ ଓ ଅନ୍ୟ ଦୁଇଟିକୁ ବାଉରୀପଦା ନିକଟରୁ ଧରାଯାଇଥିବା ବନବିଭାଗ କର୍ମଚାରୀଙ୍କ ଠାରୁ ଜଣାପଡିଛି। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ପିଛା କରିଥିବା ବେଳେ ମାଫିଆ ମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। ଧରପଗଡ଼ ବେଳେ ବନ ବିଭାଗର ଦୁଇଟି ଗାଡି ସମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲେ ହେଁ କେହି ଆହତ ହୋଇ ନ ଥିବା ଜଣାପଡିଛି । ବନ ବିଭାଗ ପକ୍ଷରୁ ଗାଡି ମାଲିକ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଗିରଫ କରାଗଲେ ଏହା ପଛରେ ଥିବା କାଠ ମାଫିଆ ଗ୍ୟାଙ୍ଗଙ୍କ ପତ୍ତା ମିଳିପାରିବ ଏବଂ ଚୋରାକାରବାର ଉପରେ ଅଙ୍କୁଶ ଲାଗିପାରିବ ବୋଲି ପରିବେଶବିତ ମାନେ ମତବ୍ୟକ୍ତ କରୁଛନ୍ତି। ଦୁଇ ଦିନ ତଳେ ଏଭଳି ଏକ ଜିପ ବାଉଁଶୂଳୀ ନିକଟରୁ ବନ ବିଭାଗ କାଠ ସହ ଧରିବାରେ ସକ୍ଷମ ହୋଇଥିଲା। ଜିଲାରୁ ଓ ଜିଲା ଦେଇ ବହୁ ସଂଖ୍ୟାରେ କାଠ ଚୋରାଚାଲାଣ ହେଉଥିବାରୁ ଜଙ୍ଗଲ ପଦା ହେବାକୁ ଲାଗିଛି ଏବଂ ପରିବେଶ କ୍ଷତିଗ୍ରସ୍ତ ହେଉଛି। ଏହି କାଠ ବାଂଶପାଳ, ପାଟଣା, ଚମ୍ପୁଆ ଅଞ୍ଚଳ ଦେଇ ଚୋରାଚାଲାଣ ହେଉଥିବାରୁ ଏନେଇ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଚୋରା କାଠକାରବାର ଉପରେ ନଜର ରଖାଯାଇଛି । ଖବର ମିଳିଲେ ଧରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଏସିଏଫ ଘନଶ୍ୟାମ ମହାନ୍ତ କହିଛନ୍ତି।



ଜବତ ହୋଇଥିବା କାଠ ସହିତ ଗାଡ଼ି।

## ମୃତ୍ତିକା ପତ୍ରିକା ଦିବସ ପାଳିତ

ଚମ୍ପୁଆ, ୧୯।୨(ଡି.ଏନ.ଏ)

ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଚନ୍ଦ୍ରଶେଖରପୁର ନୁଆଗାଁଠାରେ କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତ, ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ଓ ଅବିନାଶ ବେହେରା ପ୍ରମୁଖ ଯୋଗଦେଇ ଚମ୍ପୁଆ ବ୍ଲକର ଆଦର୍ଶ ଗ୍ରାମ ଭାବେ ପରିଚିତ ଏହି ଚନ୍ଦ୍ରଶେଖରପୁରର ନୁଆଁଗାରେ ପ୍ରାୟ ଶତାଧିକ ଚାଷୀଙ୍କୁ ମୃତ୍ତିକା ପରୀକ୍ଷାର ଉଦ୍ଦେଶ୍ୟ, ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଅଧିକ ଅମଳ ପାଇଁ ମାଟିର ଉର୍ବରତା ନିତାନ୍ତ ଆବଶ୍ୟକ ବୋଲି ମତଦେବା ସହିତ ଉକ୍ତ ଗ୍ରାମର ବିଭିନ୍ନ ଚାଷ ଜମିରେ ଉର୍ବରତା ନିମନ୍ତେ ମାଟି ସଂଗ୍ରହ କରାଯାଇ ପରୀକ୍ଷା କରାଯିବା ପରେ ଆବଶ୍ୟକତା ଅନୁସାରେ ଜମିର ଜୈବିକ ସାର ପ୍ରଦାନକୁ ଗୁରୁତ୍ୱ ଦେବାକୁ ସୂଚନା ଦେଇଥିଲେ।

# ସମ୍ବର୍ଦ୍ଧିତ ହେଲେ କଣ୍ଢେଇ ନୃତ୍ୟଶିଳ୍ପୀ ମୁନିବର



ମୁନିବର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚମ୍ପୁଆ, ୧୯।୨(ଡି.ଏନ.ଏ)

ରାଜ୍ୟସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ମୁନିବର ସିଂଙ୍କୁ ସଞ୍ଜିବନୀ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଟିଆଁସପଶିର କଣ୍ଢେଇ ନାଚକରି ପ୍ରସିଦ୍ଧ ଲାଭ କରିଥିବା ମୁନିବର ସିଂଙ୍କୁ କିଛି ଦିନ ତଳେ ଭୁବନେଶ୍ୱରସ୍ଥିତ ଆଦିବାସୀ ମେଳାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହିତ ଏହି ଆଦିବାସୀ ପ୍ରତିଭାକୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ନିକଟରେ ମୁନିବର ପ୍ରଶଂସାର ପାତ୍ର ହୋଇ ପାରିଥିଲେ। ଏ ନେଇ ଭଣ୍ଡାସ୍ଥିତ ସଞ୍ଜିବନୀ ସାହିତ୍ୟ ସଂସଦ ମୁନିବରଙ୍କ ସଫଳତାକୁ ନେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଞ୍ଜିବନୀ ସାହିତ୍ୟ ସଂସଦ ଆବାହକ ଡମ୍ବରୁଧର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିଆଁସପଶିଠାରେ ଅନୁଷ୍ଠିତ ଏକ ଉତ୍ସବରେ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ତନ୍ତୀ, ଅଗ୍ନିଚରଣ ମହାନ୍ତ, ଗିରିଶ ଚନ୍ଦ୍ର ସିଂ, ସହଦେବ ସିଂ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଭିନ୍ନ ଦାବିରେ ବିକ୍ଷୋଭ

କେନ୍ଦୁଝର, ୧୯।୨(ସ୍ୱ.ପ୍ର.)

ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି, କେନ୍ଦୁଝର ଜିଲା ଶାଖା ପକ୍ଷରୁ ସାତ ଦଫା ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ସ୍ଲୋଗାନ ଦେବା ସହ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଦାବି ମଧ୍ୟରୁ ୨୦୧୯ ମସିହା ଜୁଲାଇ ୫ ତାରିଖରୁ ୫ ପ୍ରତିଶତ ମହଙ୍ଗା ଭତ୍ତା୨୦୨୦ ଫେବୃୟାରୀ ମାସର ଦରମା ସହିତ ନଗଦ ପ୍ରଦାନ, ବର୍ଦ୍ଧିତ ଦରମାର ଗଚ୍ଛିତ ଅବଶିଷ୍ଟ ଅର୍ଥର ୬୦ ପ୍ରତିଶତ ନଗଦ ଆକାରରେ ପ୍ରଦାନ କରିବା ରହିଛି । ସେହିପରି ଅନୁକମ୍ପା ମୂଳକ ନିଯୁକ୍ତି ପୂର୍ବ ବ୍ୟବସ୍ଥାରେ ପ୍ରଦାନ କରିବା, ୨୦୧୬ ମସିହାରୁ ସଂଶୋଧିତ ଘର ଭଡା ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ବିଭାଗରେ ପାରା ମେଡିକାଲ କର୍ମଚାରୀ ନିଯୁକ୍ତି ଆଉଟ ସୋର୍ସିଂ ଜରିଆରେ ପ୍ରକାଶିତ କରାଯାଇଥିବା ନିଯୁକ୍ତି ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି।

# ୨ ବିଦ୍ୟାଳୟରେ କ୍ୟାମେରା ଲାଗିବା ନେଇ ଅସନ୍ତୋଷ

ପାଟଣା, ୧୯।୨(ସ୍ୱ.ପ୍ର.)

ଚଳିତବର୍ଷ ମ୍ୟାଟ୍ରିକ/ମାଧ୍ୟମିକ ଶିକ୍ଷାପରିଷଦ କଟକ ଦ୍ୱାରା ପରିଚାଳିତ ପ୍ରଥମ ଦିନ ପରୀକ୍ଷା ବୁଧବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏହି ପରୀକ୍ଷା ମାର୍ଚ୍ଚ ୨ତାରିଖରେ ସରିବ। ପ୍ରଥମ କରି କେତେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବାକୁ ନେଇ ଅଭିଭାବକ ମାନେ ଅସନ୍ତାଷ ପ୍ରକାଶ କରିଛନ୍ତି। ପାଟଣା ବ୍ଲକରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୧୧ ପରୀକ୍ଷା କେନ୍ଦ୍ରରେ ମୋଟ ୧୭୫୨ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ୧୬୯୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟର ନୋଡାଲ ପରୀକ୍ଷା କେନ୍ଦ୍ର ସୁପେରିଣ୍ଟେଣ୍ଡେଣ୍ଟ କଳ୍ପନା ସିଂ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୫୮ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ବ୍ଲକ ର ୧୧ ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ କେବଳ ୨ଟି କେନ୍ଦ୍ର ମୁଖ୍ୟାଳୟ ସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଓ ଟାଙ୍ଗରପଡା ସ୍ଥିତ ଟାଙ୍ଗରପଡା ଉଚ୍ଚବିଦ୍ୟାଳୟରେ ସିସି ଟିଭି କ୍ୟାମେରା ଲାଗିଛି। ଏହି ସେଣ୍ଟର ଦୁଇଟିର ୩୫୬ଜଣ ପରୀକ୍ଷାର୍ଥୀ ଚାପରେ ରହିବାସହ ଭୟର ବାତାବରଣ ମଧରେ ପରୀକ୍ଷା ଦେଉଥିବା ବେଳେ କ୍ୟାମେରା ଲାଗି ନ ଥିବା ପରୀକ୍ଷାକେନ୍ଦ୍ରରେ ପରୀକ୍ଷାର୍ଥୀ ବିନା ଭୟର ବାତାବରଣରେ ପରୀକ୍ଷା ଦେବେ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଦୁଇଟି ବିଦ୍ୟାଳୟର ଅଭିଭାବକଙ୍କ କହିବା କଥା ହେଲା ଯଦି ସିସି ଟିଭି କ୍ୟାମେରା ଲାଗିବ ତେବେ ସବୁ ପରୀକ୍ଷା କେନ୍ଦ୍ରରେ ଲାଗୁ ନ ହେଲେ ନାହିଁ। ପାଟଣା ମୁଖ୍ୟାଳୟ ସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ଏପିଆର ପୋଲିସଙ୍କ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ରହିଛି। ଆଜିର ପ୍ରଶ୍ନପତ୍ରକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଧାର୍ଯ୍ୟ ସମୟରେ ପହଞ୍ଚିଛି।

# ପଞ୍ଚମ ନକ୍ ଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଚମ୍ପୁଆ, ୧୯।୨(ଡି.ଏନ.ଏ)

ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ପତଳା ମିନି ଷ୍ଟାଡିୟମଠାରେ ପଞ୍ଚମ ନକ୍ ଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଗଣେଶ ଖିଲାର ପ୍ରମୁଖ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପତଳା ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ମୋହନ ସ୍ପୋର୍ଟିଂ ଗୋଧୂଳି ଓ ଆରସିସି ରଜିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ବିଶିଷ୍ଟ ଏହି ପ୍ରତିଯୋଗିତା ୧୯ ତାରଖରୁ ଆରମ୍ଭ ହୋଇ ୨୩ ତାରିଖରେ ଶେଷ ହେବ ବୋଲି ଜଣାଯାଇଛି। ଚାମ୍ପିୟନ ଦଳ ୨୦ ହଜାର, ରନର୍ସଅପ ଦଳ ପାଇଁ ୧୫ ହଜାର ପୁରସ୍କାର ରାଶି ରହିଥିବା ବେଳେ ଖେଳାଳିମାନଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରଖାଯାଇଛି ବୋଲି ସଭାପତି ଜତୀନ ପ୍ରଧାନ ଓ ସମ୍ପାଦକ ମକରଧ୍ୱଜ ସେଠୀ କହିଛନ୍ତି। ଏହି ପ୍ରତିଯୋଗିତାରେ ସଭ୍ୟ ଦୀପକ ନାଏକ, ଦେବେନ୍ଦ୍ର ସେଠୀ, ବାଜିରାଉତ ବାରିକ, ଅଶୋକ ନାଏକ ସହ ସମସ୍ତ ସଂଘ ସଭ୍ୟ ପରିଚାଳନା କରିଥିଲେ।

# ନିଲମ୍ବିତ ହେଲେ ହାବିଲଦାର

କେନ୍ଦୁଝର ୧୯।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ହୋମଗାର୍ଡ ହାବିଲଦାର ମମତା ଜେନାଙ୍କୁ ଏସ୍‌ପି ନିଲମ୍ବିତ କରିଛନ୍ତି। ନିଲମ୍ବନର ଠିକ କାରଣ ଜଣାପଡି ନ ଥିଲେ ହେଁ ସେ କୁଆଡେ ଚାଲିଥିବା ହୋମଗାର୍ଡ ନିଯୁକ୍ତି ପାଇଁ ଜଣେ ପ୍ରାର୍ଥୀଙ୍କ ଠାରୁ ଟଙ୍କା ଦେଣନେଣ କରିଥିଲେ। ଚୟନରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏଭଳି ଘଟଣା ପଦାକୁ ଆସିବା ବେଳେ ନିଲମ୍ବନ କରାଯାଇଛି। ତେବେ ନିଲମ୍ବିତ ହାବିଲଦାରଙ୍କ ବହୁ ଘରସମ୍ପତ୍ତି ରହିଥିବାରୁ ଏହାର ତଦନ୍ତ ଭିଜିଲାନସ ବିଭାଗ ଦ୍ୱାରା କରାଗଲେ ପ୍ରକୃତ ଆୟବର୍ହିଭୁତ ସମ୍ପତ୍ତି କେତେ ଜଣାପଡିବ ବୋଲି ଆଲୋଚନା ହେଉଛି। ଏନେଇ ହୋମଗାର୍ଡ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁ ବେହେରା ନିଲମ୍ବନ କରାଯାଇଥିବା ଘଟଣାକୁ ସ୍ୱୀକାର କରିଥିଲେ ହେଁ ପ୍ରକୃତ କାରଣ ସମ୍ପର୍କରେ କିଛି କହି ନ ଥିଲେ ।

# ୧୩ ପରୀକ୍ଷା କେନ୍ଦ୍ରରେ ୨୦୦୬ ପରୀକ୍ଷାର୍ଥୀ ପରୀକ୍ଷା ଦେଲେ

## ୮୬ ଅନୁପସ୍ଥିତ

ହାଟଡିହୀ,୧୯।୨(ଡି.ଏନ.ଏ.)

ଚଳିତ ବର୍ଷ ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ତେବେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଚଳିତ ବର୍ଷ ୧୩ଟି ପରୀକ୍ଷା କେନ୍ଦ୍ରରେ ୨୦୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିଲା। ୨୦୦୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୮୬ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ର ମଧରେ ହାଟଡିହୀରେ ୧୭୫ ଜଣପରୀକ୍ଷା ଦେବାକୁ ଥିବା ବେଳେ ୧୬୭ ଜଣ ପରୀକ୍ଷା ଦେଇଥିଲେ। ୮ଜଣ ଅନୁପସ୍ଥିତ ଥିଲେ। ମରୈଗାଁରେ ୧୦୯ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୦୭ ଜଣ ପରୀକ୍ଷା ଦେଇଥିଲେ। ୨ଜଣ ଅନୁପସ୍ଥିତ ଥିଲେ। ବଞ୍ଚୋରେ ୧୫୭ଜଣ ପରୀକ୍ଷା ଦେବାକୁ ଥିବା ବେଳେ କେହି ଅନୁପସ୍ଥିତ ନ ଥିଲେ। ମୁରୁପୁରରେ ୧୫୩ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୪୪ ଜଣ ପରୀକ୍ଷା ଦେଇଥିଲେ। ୯ଜଣ ଅନୁପସ୍ଥିତ ଥିଲେ। ବଡରମ୍ପାସରେ ୧୪୩ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୩୭ ଜଣ ପରୀକ୍ଷା ଦେଇଥିଲେ। ୬ ଜଣ ଅନୁପସ୍ଥିତ ଥିଲେ। ସଡଙ୍ଗରେ ୨୨୯ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୨୨୦ ଜଣ ପରୀକ୍ଷା ଦେଇଥିଲେ। ୯ ଜଣ ଅନୁପସ୍ଥିତ ଥିଲେ। ଉଅଁରରେ ୨୪୬ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୨୨୧ ଜଣ ପରୀକ୍ଷା ଦେଇଥିଲେ। ୨୫ ଜଣ ଅନୁପସ୍ଥିତ ଥିଲେ। କଳିଙ୍ଗାରେ ୧୩୭ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୩୫ ଜଣ ପରୀକ୍ଷା ଦେଇଥିଲେ। ୨ଜଣ ଅନୁପସ୍ଥିତ ଥିଲେ। ନନ୍ଦିପଦାରେ ୧୧୭ ଜଣ ପରୀକ୍ଷା ଦେବାକୁ ଥିବା ବେଳେ କେହି ଅନୁପସ୍ଥିତ ନ ଥିଲେ। ଢେଙ୍କାରେ ୧୫୬ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୫୦ ଜଣ ପରୀକ୍ଷା ଦେଇଥିଲେ। ୬ ଜଣ ଅନୁପସ୍ଥିତ ଥିଲେ। ବାଙ୍ଗୋରରେ ୨୦୧ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୮୮ ଜଣ ପରୀକ୍ଷା ଦେଇଥିଲେ। ୧୩ ଜଣ ଅନୁପସ୍ଥିତ ଥିଲେ। ସୋସୋକାନପୁରରେ ୧୨୪ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୧୯ ଜଣ ପରୀକ୍ଷା ଦେଇଥିଲେ। ୫ ଜଣ ଅନୁପସ୍ଥିତ ଥିଲେ । ବାଲିବରେଇରେ ୧୪୫ ଜଣ ପରୀକ୍ଷା ଦେବାକୁଥିବା ବେଳେ ୧୪୪ ଜଣ ପରୀକ୍ଷା ଦେଇଥିଲେ। ଜଣେ ଅନୁପସ୍ଥିତ ଥିଲେ। ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ହାଟଡିହୀ, ମରୈଗାଁ, ବଞ୍ଚୋ, କଳିଙ୍ଗା, ବାଲିବରେଇ, ବାଙ୍ଗୋର, ସଡଙ୍ଗ ପ୍ରମୁଖ ୭ଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲାଗିଥିବା ଜଣାପଡିଛି । ହାଟଡିହୀଠାରେ ଏକ ନୋଡାଲ ସେଣ୍ଟର ଖୋଲାଯାଇଛି ।

ଧରିତ୍ରୀ
DHARITRI
ଗୁରୁବାର, ୨୦ ଫେବୃୟାରୀ, ୨୦୨୦



**ସଂକ୍ଷେପରେ**

## ରାତି ୪ଟାରେ ଉଠିବ ମହାଦୀପ

**ରୂପ୍‌ସା, ୧୯।୨(ଡି.ଏନ.ଏ.):** ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ପ୍ରସିଦ୍ଧ ବାବା ବାଲକେଶ୍ୱର ପାତାଳି ମହାଦେବ ମନ୍ଦିରରେ ମହାଶିବରାତ୍ରି ଉତ୍ସବ ପାଳନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଦେବ ପରିଚାଳନା କମିଟି ସଭାପତି ଗଙ୍ଗାଧର ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। ରାତି ୪ଟାରେ ମହାଦୀପ ଉଠିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ଦିକ୍ଷୀତ, ଶ୍ୟାମସୁନ୍ଦର ଦିକ୍ଷୀତ, ସେବକ କାର୍ତ୍ତିକ ଦାସ, କର୍ମକର୍ତ୍ତା ପ୍ରଫୁଲ୍ଲ ଦାସ, ମାନସ ମିଶ୍ର, ଜଗନ୍ନାଥ ବେହେରା, ହରେକୃଷ୍ଣ ଦାସ, ଘନଶ୍ୟାମ ଦାସ, ହରେକୃଷ୍ଣ ବାରିକ ଓ କହ୍ନେଇ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନିଜ କଲେଜରେ ପରୀକ୍ଷା ଦାବିରେ ରାସ୍ତା ଅବରୋଧ

**ଭୋଗରାଇ,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କମର୍ଦ୍ଦା ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନିଜ କଲେଜରେ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଦାବିକରି ବୁଧବାର ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟରାସ୍ତା କମର୍ଦ୍ଦା ଡାକବଙ୍ଗଳାଠାରେ ରାସ୍ତାରୋକୋ କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ଼ ଧରି ସ୍ଲୋଗାନ ଦେଇ ଦୀର୍ଘ ସମୟ ଧରି ନାରାବାଜି ଦେଇଥିଲେ। ରାସ୍ତା ଅବରୋଧ ଯୋଗୁ ଯାନବାହନ ଅଟକି ରହିଥିଲା। ଦୂରଦୂରାନ୍ତ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଦୁର୍ଦ୍ଦଶା ଭୋଗିବା ସହିତ ମାଲବାହୀ ଗାଡ଼ିଗୁଡ଼ିକ ଆଗକୁ ଗଡ଼ିପାରି ନ ଥିଲା। ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାରୀ ଓ କମର୍ଦ୍ଦା ଥାନା ଅଧିକାରୀ ପାସ୍କେ ଏକ୍କାଙ୍କ ନେତୃତ୍ୱରେ ଏକ ପୋଲିସ ବାହିନୀ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଏହି ଦାବି ସମ୍ପର୍କରେ ଶିକ୍ଷା ବିଭାଗକୁ ଜଣାଇବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ଏହି କଲେଜରେ ଦୀର୍ଘବର୍ଷ ଧରି ଯୁକ୍ତ ୨ ପରୀକ୍ଷାକେନ୍ଦ୍ର ହୋଇ ଆସୁଥିବା ବେଳେ ଗତବର୍ଷ ବାର୍ଷିକ ପରୀକ୍ଷାର ସ୍ୱଚ୍ଛତାକୁ ନେଇ କେତେକ ପରୀକ୍ଷାର୍ଥୀ ଓ ଅବଜର୍ଭରଙ୍କ ସହିତ କଥା କଟାକଟି ଓ ଗାଡ଼ି ଅଟକ ଭଳି ଅଭିଯୋଗ ହୋଇଥିଲା। ଚଳିତବର୍ଷ ଏହି କଲେଜରେ ଯୁକ୍ତ ୨ ପରୀକ୍ଷା କେନ୍ଦ୍ରକୁ ବାତିଲ୍ କରି ଏଠାରୁ ୧୫ କି.ମି. ଦୂର ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇ ଥିବାରୁ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।



କମର୍ଦ୍ଦା ଡାକବଙ୍ଗଳାଠାରେ ଛାତ୍ରୀଛାତ୍ରଙ୍କ ରାଜରାସ୍ତା ଅବରୋଧ।

## ୭ କେନ୍ଦ୍ରରେ ୧୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ସିମୁଳିଆ, ୧୯।୨ (ଡି.ଏନ.ଏ.):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ତେବେ ସିମୁଳିଆ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୧୫ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣକୁ ନେଇ ଅନୁପସ୍ଥିତ ଥିବା ସୂଚନା ମିଳିଛି। ସେଥିମଧ୍ୟରେ ମହମ୍ମଦପୁର ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ଜଣେ, ଭାରତସେବାନିଧି କେନ୍ଦ୍ରରେ ୨ଜଣ, ଦଶଭୁଜା କେନ୍ଦ୍ରରେ ୩ଜଣ, ବରି କେନ୍ଦ୍ରରେ ୨ଜଣ, ରଘୁନାରାୟଣ ହାଇସ୍କୁଲ କେନ୍ଦ୍ରରେ ୫ଜଣ, ବାଲିଖଣ୍ଡ କେନ୍ଦ୍ରରେ ଜଣେ ଓ ଉପେନ୍ଦ୍ରନାଥ ଏକାଡେମୀ କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ଚଳିତବର୍ଷ ସିମୁଳିଆ ବ୍ଲକର ୨୪ଟି ହାଇସ୍କୁଲରୁ ୧୫୩୪ ଜଣ ଓ ଏକ୍ସରେଗୁଲାର ୩୦ଜଣ ମୋଟ ୧୫୩୪ଜଣ ପରୀକ୍ଷାର୍ଥୀ ବିଭିନ୍ନ ୮ଟି କେନ୍ଦ୍ରରେ ପରୀକ୍ଷା ଦେବାର ଥିଲା।

# ୧୨ କଳାକାର ସମ୍ବର୍ଦ୍ଧିତ

**ତାରକେଶ୍ୱର ଯଜ୍ଞର ତୃତୀୟ ଦିବସ**

**ଖଇରା, ୧୯।୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଶିରିପୁର-ବାସିନ୍ଦିପୁର ଠାରେ ଚାଲିଥିବା ୧୯ତମ ଦଧିବାମନ ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହରେ ମଙ୍ଗଳବାର ତୃତୀୟ ଦିବସରେ ଯଜ୍ଞ ଓ ସଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପଣ୍ଡିତ ପର୍ଶୁରାମ ଶତପଥିଙ୍କ ତତ୍ତ୍ୱାବଧାନରେ ଗଣପତି ମହଯଜ୍ଞର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଚଳଚ୍ଚିତ୍ର ଅଭିନେତା ବିରେନ ମିଶ୍ର ମୁଖ୍ୟଅତିଥି, କଣ୍ଠଶିଳ୍ପୀ ଶଙ୍କର ଦାନ ମୁଖ୍ୟବକ୍ତା, ଯୁବନେତା ଉଦୟ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଆ ଚଳଚ୍ଚିତ୍ର ଧାରାବାହିକ ଜଗତର ଚର୍ଚ୍ଚିତ କଳାକାର ସରୋଜ ଦାସ, ବିରେନ ମିଶ୍ର, ଏସ୍. କେ. ମୂରଲୀଧରନ, ଜ୍ୟୋତି ପଣ୍ଡାଙ୍କ ସମେତ ୧୨ଜଣଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ତାରକେଶ୍ୱର ଯଜ୍ଞ କମିଟି ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢୀ, ଦାମୋଦର ସାହୁ, ମହେନ୍ଦ୍ର ବେହେରା, ଈଶ୍ୱର ରାଉତ, ଅକ୍ଷୟ ବେହେରା, ଅଜୟ ସାହୁ, ତୃପ୍ତିକାନ୍ତ ପାଢୀ, ସପନ ସାହୁ, ଭଗବାନ ସାହୁ ପ୍ରମୁଖ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କଂଗ୍ରେସର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଉପରେ ସମୀକ୍ଷା

**ଯୋଗଦେଲେ ରାଜ୍ୟ ପ୍ରଭାରୀ**

**ବାଲେଶ୍ୱର ଅଫିସ,୧୯।୨:** ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ବୁଧବାର ବାଲେଶ୍ୱର ଜିଲା ଗସ୍ତରେ ଆସି ଦକ୍ଷତା ବୃଦ୍ଧି ସମ୍ପର୍କରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ପ୍ରଦେଶ ସହପ୍ରଭାରୀ ଭି. ରୁଦ୍ରରାଜୁ, ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଏବଂ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା।

ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲେଶ୍ୱର ସଦର, ନୀଳଗିରି, ଖଇରା, ସିମୁଳିଆ, ବାହାନଗା, ରେମୁଣାର ବ୍ଲକସ୍ତରୀୟ ନେତା, କର୍ମୀ, କର୍ମକର୍ତ୍ତା, ପୂର୍ବତନ ବିଧାୟକ ଏବଂ ପ୍ରାର୍ଥୀମାନଙ୍କ ସହ ବ୍ଲକୱାରୀ ପୃଥକ ଭାବେ ଆଲୋଚନା କରିଥିଲେ। ସଙ୍ଗଠନକୁ କିଭଳି ତୃଣମୂଳସ୍ତରରେ ଅଧିକ ମଜବୁତ୍ କରାଯାଇପାରିବ ସେ ସମ୍ପର୍କରେ ପ୍ରଭାରୀ ସିଂ ମତାମତ ଲୋଡ଼ିଥିଲେ। ଜିଲା କଂଗ୍ରେସ କମିଟି ନୂତନ ସଭାପତି ଓ କର୍ମକର୍ତ୍ତା ଚୟନ ସମ୍ପର୍କରେ ମଧ କର୍ମୀମାନଙ୍କଠାରୁ ମତାମତ ଲୋଡ଼ିଥିଲେ। ଖୁବଶୀଘ୍ର ଜିଲାସଭାପତି ଚୟନ କରାଯିବ ବୋଲି ପ୍ରଭାରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଅନନ୍ତ ପ୍ରସାଦ ସେଠୀ, ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ସର୍ମିଷ୍ଠା ସେଠୀ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକ, ଗୋପନାରାୟଣ ଦାସ, ଅକ୍ଷୟ ଆଚାର୍ଯ୍ୟ, ଯୁଧିଷ୍ଠିର ଜେନା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସ, ସୁଦର୍ଶନ ଦାସ, ବିଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମୀକ୍ଷା କରାଯାଉଛି।

## ୩୩୮୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୭ ଅନୁପସ୍ଥିତ

**ଜଳେଶ୍ୱର,୧୯।୨ (ସ୍ୱ.ପ୍ର.):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜଳେଶ୍ୱର ସରକାରୀ ହାଇସ୍କୁଲ ହବ୍‌ସେଣ୍ଟରରେ ପହଞ୍ଚି ପରୀକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜଳେଶ୍ୱର ବ୍ଲକର ୧୮ଟି ପରୀକ୍ଷା କେନ୍ଦ୍ରରେ ୩୩୮୬ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିଲା।ସେଥିରୁ ୯୭ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଜଳେଶ୍ୱର ବ୍ଲକର ଶିଖରପୁରସ୍ଥିତ ଏସ୍‌ଏସ୍‌ବିବି ହାଇସ୍କୁଲରେ ୧୫୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୩ଜଣ ଅନୁପସ୍ଥିତ ଅଛନ୍ତି। ଚମାରଗାଁରେ ପିଏନ୍ ହାଇସ୍କୁଲରେ ଜଣେ, ପାଇକସିଦାର ଜଳନ୍ଧର ହାଇସ୍କୁଲରେ ୪, ମହୁଲିଆର ଏମ୍‌ଏନ୍ ହାଇସ୍କୁଲରେ ୨, ଲକ୍ଷ୍ମଣନାଥ ସରକାରୀ ହାଇସ୍କୁଲରେ ୫ ଜଣ ଅନୁପସ୍ଥିତ ଅଛନ୍ତି। ଭଣ୍ଡାରୀପଲ୍ଲି ଏନ୍‌ସି ହାଇସ୍କୁଲରେ ୨, ମୁଣ୍ଡତୁଣିଆ ପିସି ହାଇସ୍କୁଲରେ ଜଣେ, ଓଲମରା ହାଇସ୍କୁଲରେ ୩, ଛମୌଜ ଏମ୍‌ସି ହାଇସ୍କୁଲରେ ୮, ଖୁଲୁଡା ଶୀତଳା ହାଇସ୍କୁଲରେ ୪, ପଶ୍ଚିମବାର୍ଡ଼ ଆର୍‌କେ ହାଇସ୍କୁଲରେ ୧୧ ଅନୁପସ୍ଥିତ ଅଛନ୍ତି। ସେହିପରି ଜଳେଶ୍ୱର ନୋଡ଼ାଲ ହାଇସ୍କୁଲରେ ଜଣେ, ଚାଲନ୍ତି ଏସ୍‌ଏନ୍ ହାଇସ୍କୁଲର ଜଣେ, ଜମାଲପୁର ବିଏନ୍ ଏକାଡେମୀରେ ୩, କମାରଶାଳିଆ ଏମ୍‌ଏସ୍‌ଆଇ ସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ୧୬, ନାମ୍ପୋ ହାଇସ୍କୁଲରେ ୮, ବାଗପୁଞ୍ଜି ଏସ୍‌ଦେବ ନୋଡାଲ ହାଇସ୍କୁଲରେ ଜଣେ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ହେଉଥିବା ଜଳେଶ୍ୱର ନୋଡ଼ାଲ ହାଇସ୍କୁଲର ୨୨ଜଣ ପରୀକ୍ଷାର୍ଥ ଅନୁପସ୍ଥିତ ଅଛନ୍ତି।

# ୩ ଅଙ୍ଗନୱାଡି କେନ୍ଦ୍ରରେ ତଦନ୍ତ ଆରମ୍ଭ



ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ଲକ ଅଧକ୍ଷ ଓ ଏବିଡ଼ିଓ ତଦନ୍ତ କରୁଛନ୍ତି।

**ରୂପ୍‌ସା, ୧୯।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ନିମା, ଖିରଂ ଓ ଗୁଣ୍ଡୁରିପଦା ଅଙ୍ଗନୱାଡ଼ି କେନ୍ଦ୍ରରେ ମଙ୍ଗଳବାର ତଦନ୍ତ ଆରମ୍ଭ ହୋଇଛି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଅନିୟମିତତା ହେବା ସହ ଶିଶୁଙ୍କୁ ପାଠପଢ଼ା ଯାଉ ନ ଥିବା ନେଇ ସ୍ୱଚ୍ଛ ସବୁଜ ଯୁବସଙ୍ଗଠନ ଓ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲା। ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ଏବିଡ଼ିଓ ରବିନାରାୟଣ ବେହେରା ଉକ୍ତ ୩ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଅଭିଯୋଗକାରୀ ଗ୍ରାମବାସୀ ଓ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀଙ୍କୁ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ୩ବର୍ଷ ଧରି ଗୁଣ୍ଡୁରିପଦା ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିପଦସଙ୍କୁଳ ଭଙ୍ଗା ଘରେ ଶିଶୁମାନଙ୍କୁ ପାଠପଢ଼ା ଯାଉଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ନିମା, କ୍ଷୀରଂ କେନ୍ଦ୍ରରେ ପାଠପଢ଼ା ଓ ଅଙ୍ଗନୱାଡ଼ି ଖାଦ୍ୟ ପ୍ରଦାନରେ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସଙ୍ଗଠନ ସଭାପତି ରାଜେଶ ସେଠୀ, ସଞ୍ଜୟ ଦାସ, ଗୌରାଙ୍ଗ ପ୍ରଧାନ, ତପନ ବେହେରା ଓ ପଦ୍ମଲୋଚନ ଗୋଚ୍ଛାୟତଙ୍କ ସମେତ ବହୁ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ। ତଦନ୍ତ ଅନୁଯାୟୀ ଅନିୟମିତତା ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

## ସହାୟତାର ହାତ ବଢ଼ାଇଲେ ସହପାଠୀ

**ଆରଡ଼ି, ୧୯।୨ (ଡି.ଏନ.ଏ.):** ଦିଲ୍ଲୀରୁ ଘରକୁ ଆସୁଥିବା ବେଳେ ଟ୍ରେନରୁ ଖସିପଡ଼ିଥିଲେ ଚାନ୍ଦବାଲି ବ୍ଲକର ବୋଡ଼କ ଗ୍ରାମର ଅରବିନ୍ଦ ମାଝୀ(୪୯)। ସୌଭାଗ୍ୟବଶତଃ ଜୀବନ ବଞ୍ଚିଯାଇଥିଲେ ହେଁ ଗୁରୁତର ଥିବା ଅରବିନ୍ଦଙ୍କ ଚିକିତ୍ସା ପାଇଁ ୧୯୮୭ ମାଟ୍ରିକ ବ୍ୟାଚ୍‌ର ସହପାଠୀମାନେ ସହାୟତା ପ୍ରଦାନ କରିଛନ୍ତି। ଉଦୟ ନାୟକ, ଜୟନ୍ତ ନାୟକ, ନିରଞ୍ଜନ ନାୟକ, ପ୍ରକାଶ ନାୟକ, ଅନୁପ୍ରିୟା ଜେନା, ଅପର୍ଣ୍ଣା ଦାସ, ସବିତା ନାୟକ, ପ୍ରକାଶ ବିଶ୍ୱାଳ, ପ୍ରଶାନ୍ତ ବାରିକ, ଅଶୋକ ବାରିକ, ସୁନିଲ ବିଶ୍ୱାଳ ପ୍ରମୁଖ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସହପାଠୀ ଦୀପ୍ତିରଞ୍ଜନ ନାୟକ ତାଙ୍କୁ ଯାଜପୁରରେ ଥିବା ଜଣେ ଅସ୍ଥିଶଲ୍ୟ ବିଭାଗ ପ୍ରଫେସରଙ୍କ ପାଖକୁ ନେଇ ଗୋଡ଼ ପ୍ଲାଷ୍ଟର କରାଇଛନ୍ତି।

# ଜରି ବସ୍ତାରେ ଧାନକିଣାକୁ ନେଇ ବିବାଦ

**ପଦ୍ମପୁର,୧୯।୨(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗଠାରେ ମହିଳା ମହାସଂଘ ପକ୍ଷରୁ ଗୋରାମାଟି ଓ ସାବରଙ୍ଗ ପଞ୍ଚାୟତର ଚାଷୀଙ୍କଠାରୁ ଧାନ କିଣା ଯାଉଛି। ପ୍ରଥମରୁ ଝୋଟ ଅଖାରେ ଚାଷୀମାନଙ୍କଠାରୁ ଧାନ କିଣାଯାଇ ମିଲ୍‌କୁ ପଠାଯାଉଥିଲା। ଏବେ ସଂଘ ତରଫରୁ ଜରି ବସ୍ତାରେ ଧାନ କିଣାଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ଟ୍ରକ ଯୋଗେ ସମ୍ବଲପୁରକୁ ଜରି ବସ୍ତାରେ ଧାନ ପଠାଯିବା ପାଇଁ ବୋଝେଇ କରାଯାଉଥିବାବେଳେ ଚାଷୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଧାନ ଟ୍ରକରେ ବୋଝେଇ ହୋଇ ନ ପାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିଲା। ରାତିତମାମ ଧାନକୁ ଚାଷୀ ଜଗିରହିଥିବା ବେଳେ ବୁଧବାର ସୁଦ୍ଧା ଉଠାଯାଇ ପାରିନାହିଁ। ଚାଷୀମାନେ ଅପରାହ୍ନରେ ଜିଲା ଯୋଗାଣ ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ଗ୍ରାମାଞ୍ଚଳ ଥାନାଧିକାରୀଙ୍କୁ ତୁରନ୍ତ ଧାନ ଉଠାଇବା ପାଇଁ ଦାବିପତ୍ର ପ୍ରଦାନ କରଛନ୍ତି। ସେହିପରି ବ୍ରହ୍ମପୁର ସେବା ସମବାୟ ସମିତିରେ ୨ଟି ଟ୍ରକ୍‌ରେ ଜରିବସ୍ତାରେ ଧାନ ବୋଝେଇ ହେଉଥିବାବେଳେ ଚାଷୀମାନେ ଏହାକୁ ବିରୋଧ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ସମ୍ପର୍କରେ ସମିତି ସମ୍ପାଦକ ବିଷ୍ଣୁମୋହନ ଘଡ଼େଇଙ୍କୁ ପଚାରିବାରୁ ସମ୍ପୃକ୍ତ ମିଲ୍ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଅଖା ବସ୍ତା ଯୋଗାଇ ଦେଇ ନ ଥିବାରୁ ବାଧ ହୋଇ ଜରିବସ୍ତାରେ ଧାନ ନିଆଯାଉଛି ବୋଲି କହିଥିଲେ। ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ଚଳିତ ଋତୁରେ ଜରି ବସ୍ତାରେ ଧାନ କ୍ରୟ ନ କରିବା ପାଇଁ ନିର୍ଦ୍ଦେଶନାମା ଥିବାବେଳେ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।



ମିଲ୍‌କୁ ପଠାଯିବା ପାଇଁ ଧାନବସ୍ତା ଟ୍ରକ୍‌ରେ ଲୋଡ୍ କରାଯାଉଛି।

# 'ସମାଜ ଶୋଷଣମୁକ୍ତ ହେବା ଜରୁରୀ'

**ଭୋଗରାଇ,୧୯।୨(ଡି.ଏନ.ଏ.)**

ସ୍ୱାର୍ଥବାଦୀ ମଣିଷ ସମାଜ ଓ ପରିବେଶକୁ ପ୍ରଦୂଷଣ କରି ଦେଶକୁ ଭୟଙ୍କର ସ୍ଥିତି ଆଡ଼କୁ ନେଉଥିବା କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଅନଳିଆ-ନସରାବାଦ ସନ୍ତୋଷୀ ମାତା ମନ୍ଦିର ପରିଚାଳନା କମିଟିର ବାର୍ଷିକ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ବିଶିଷ୍ଟ ସାମାଜିକକର୍ମୀ ଭବଶଙ୍କର ମହାନ୍ତିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ସତ୍ୟଶିବ ଦାସ, ସମ୍ମାନନୀୟ ଅତିଥି ଭାବେ ଶିଳ୍ପଦ୍ୟୋଗୀ ତଥା ଭାଜପା ନେତା ଅଂଶୁମାନ ମହାନ୍ତି, ସମିତିସଦସ୍ୟ ସନ୍ତୋଷ କୁମାର ଜେନା, ଆଶିଷ କୁମାର ମହାନ୍ତି, ଦେଉଳା ସେବା ସମବାୟ ସମିତି ତଥା ଭୋଗରାଇ ସେବା ସମିତିର ବ୍ଲକ ସଭାପତି ହରେନ୍ଦ୍ର ଦାସ ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟକୁ ରୋକିବାକୁ ହେଲେ ଯୁବପିଢ଼ି ଆଧାତ୍ମିକ ଓ ସାଂସ୍କୃତିକ ଚେତନାକୁ ଦୀପ୍ତିମନ୍ତ କରିବାକୁ ପଡ଼ିବ ବୋଲି ମତପ୍ରକାଶ କରିଥିଲେ। ୪ଦିନ ବ୍ୟାପୀ ଏହି ସାଂସ୍କୃତିକ ଅନୁଷ୍ଠାନକୁ ପରିଚାଳନା କରିଥିଲେ ସନ୍ତୋଷୀ ମାତା ମନ୍ଦିର ଟ୍ରଷ୍ଟବୋର୍ଡ଼ର ସଭାପତି ସୁଭାଷ ଚନ୍ଦ୍ର ଜେନା, ସରପଞ୍ଚ ବ୍ରଜକିଶୋର ମହାନ୍ତି, ସୁଧାଂଶୁ ଶେଖର ଜେନାଙ୍କ ସହ ବହୁ ସ୍ଥାନୀୟ ଗ୍ରାମବାସୀ। ଭୋଗରାଇ ଥାନାଛକସ୍ଥିତ ଭାଜପା ଅଫିସ୍‌ରେ କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ନେତା ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ବହୁ ନେତା ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଅନ୍ୟ ଅତିଥିମାନେ।

# 'ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁ'

**ରାଇରଙ୍ଗପୁର,୧୯।୨ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜନ ଗୋରୁମହିଷାଣୀ ଲୁହାଖଣି ଅଞ୍ଚଳବାସୀଙ୍କ ବିକାଶ ଓ ଖଣିରେ କୁଶଳୀ ଏବଂ ଅଣକୁଶଳୀ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି ନେଇ ମଙ୍ଗଳବାର ମାରାଂଗୁରୁ ଆଦିମ ଖେରୱାଲ ସେବା ସମିତି ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋରୁମହିଷାଣୀର ସମ୍ପୃକ୍ତ ଖଣି ଲିଜ୍‌ଧାରୀ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କ ସମେତ ଅଣକୁଶଳୀ ଓ କୁଶଳୀ ଲୋକଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଅବହେଳା କରୁଥିବା ନେଇ ବୈଠକରେ ଅଭିଯୋଗ ଉଠିଥିଲା। କାମଧନ୍ଦା ନ ପାଇ ଶିକ୍ଷିତ ବେକାର ଯୁବତୀଯୁବକମାନେ ଅନ୍ୟ ରାଜ୍ୟକୁ ଚାଲି ଯାଉଥିବା ନେଇ ସଂଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଲୁହାଖଣି ଅଞ୍ଚଳବାସୀଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ବେକାରି ସମସ୍ୟା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷକୁ ୨ ଥର ଜନଶୁଣାଣି କରାଯିବାକୁ ନିୟମ ଥିବାବେଳେ ଏହା କାର୍ଯ୍ୟକାରୀ କରାଯାଉ ନ ଥିବା ଏବଂ ସମ୍ପୃକ୍ତ ଲୁହାଖଣିରେ ଅନ୍ୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଲୁହାଖଣିରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକଙ୍କୁ ତାଙ୍କ ଧାର୍ଯ୍ୟ ଦରମା ଏବଂ ମଜୁରି ମିଳୁ ନ ଥିବା ନେଇ ଆଲୋଚନା ହୋଇଥିଲା। ଲୁହାଖଣି ଅଞ୍ଚଳବାସୀଙ୍କ ବିକାଶ ଏବଂ ବେକାର ଯୁବତୀଯୁବକଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଜନଶୁଣାଣି କରା ନ ଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଗଠନର ସଭାପତି ଲକ୍ଷ୍ମଣ ଟୁଡ୍ଡୁ, ସାଧାରଣ ସମ୍ପାଦକ ଆନପା ସୋରେନଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଏବଂ ଶତାଧିକ ଶ୍ରମିକ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ମାରାଂଗୁରୁ ଅଦିମ ଖେରୱାଲ ସେବା ସମିତିର କର୍ମକର୍ତ୍ତା।